ସକାଳ
THE SAKALA



## ଡ୍ରାଇଭରଙ୍କ ଷ୍ଟିୟରିଂ ଛାଡ଼ ଆନ୍ଦୋଳନ

ବୁଗୁଡ଼ା, ୯।୭ (ସମିସ): ପୂର୍ବ ନିଷ୍ପତ୍ତି କ୍ରମେ ଓଡ଼ିଶା ଡ୍ରାଇଭର ସଂଘ ପକ୍ଷରୁ ଷ୍ଟିୟରିଂ ଛାଡ଼ ଆନ୍ଦୋଳନ କରିଥିବାରୁ ବୁଗୁଡ଼ା ଅଞ୍ଚଳରେ ଯାତ୍ରୀମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୋଇଛନ୍ତି। ତାଙ୍କ କହିବା କଥା ହେଲା, ନିଜର ପରିବାର ପ୍ରତିପୋଷଣ ପାଇଁ ରାସ୍ତା ଉପରେ ନିଜର ଜୀବନକୁ ବାଜି ଲଗାଇ ସର୍ବସାଧାରଣଙ୍କୁ ସବୁ ପ୍ରକାର ସୁବିଧା ଯୋଗାଇଦେଇ ଆସୁଛନ୍ତି ଏବଂ ଖରା ଓ ବର୍ଷାରେ ଦିନରାତିକୁ ସମାନ କରି ସେବା ଯୋଗାଇ ଦେଇଥା'ନ୍ତି। ମାତ୍ର ସରକାରଙ୍କୁ ପୂର୍ବରୁ ୭ ଦଫା ଦାବି ଜଣାଇ ଆସିଥିଲେ ମଧ୍ୟ ସରକାର ଏପର୍ଯ୍ୟନ୍ତ କୌଣସି କାର୍ଯ୍ୟକାରୀ କଲେ ନାହିଁ। ତେଣୁ ଓଡ଼ିଶା ଡ୍ରାଇଭର ମହାସଂଘର ନିଷ୍ପତ୍ତିକୁ ସମର୍ଥନ ଜଣାଇ ଆନ୍ଦୋଳନରେ ସାମିଲ ହୋଇଛୁ ବୋଲି ବୁଗୁଡ଼ା ଡ୍ରାଇଭର ସଂଘ ସଭାପତି ରାଧାମୋହନ ସ୍ୱାଇଁ ପ୍ରକାଶ କରିଛନ୍ତି। ଆନ୍ଦୋଳନ ଯୋଗୁଁ ବୁଧବାର ବୁଗୁଡ଼ା ଅଞ୍ଚଳର ରାଜ୍ୟ ରାଜପଥରେ କାଁ ଭାଁ କେତୋଟି ଭାରୀଯାନ ଚଳପ୍ରଚଳ କରୁଥିବାବେଳେ ପ୍ରାୟ ସମସ୍ତ ଯାତ୍ରୀବାହୀ ବସ୍ ଓ ଛୋଟ ଗାଡ଼ି ମଧ୍ୟ ଦେଖିବାକୁ ମିଳି ନ ଥିଲା।

## ଏବିଭିପିର ପ୍ରତିଷ୍ଠା ଦିବସ ପାଳିତ

ଆସିକା, ୯।୭ (ସମିସ): ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ ଘୁମୁସର ସାଂଗଠନିକ ଜିଲ୍ଲା ଆସିକା ନଗର ପକ୍ଷରୁ ଛାତ୍ର ନେତା ରାହୁଲ ବେହେରାଙ୍କ ସଂଯୋଜନାରେ ଆସିକା ମେକ୍ ମାଇକେଲ ସଂସ୍କୃତ ସ୍ନାତକ ମହାବିଦ୍ୟାଳୟ ଏବଂ ସରସ୍ୱତୀ ବିଦ୍ୟାମନ୍ଦିରଠାରେ 'ରାଷ୍ଟ୍ରୀୟ ବିଦ୍ୟାର୍ଥୀ ଦିବସ' ତଥା ୭୭ତମ ପ୍ରତିଷ୍ଠା ଦିବସ ଅବସରରେ "ଆଜିର ଛାତ୍ର-ଆଜିର ନାଗରିକ' ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ପ୍ରାନ୍ତ ବିକାଶାର୍ଥେ ବିଦ୍ୟାର୍ଥୀ ସଂଯୋଜକ ଅନିଲ କୁମାର ସ୍ୱାଇଁ ଏବଂ ଛାତ୍ରନେତା ହିମାଂଶୁ ଶେଖର ତ୍ରିପାଠୀ ଯୋଗଦେଇ ଏବିଭିପିର ଲକ୍ଷ୍ୟ, ଆଦର୍ଶ ସହ ସାମ୍ପ୍ରତିକ ପରିସ୍ଥିତିରେ ବିଦ୍ୟାର୍ଥୀର ଭୂମିକା ସହ ରାଷ୍ଟ୍ର ପୁନଃନିର୍ମାଣରେ ସହଭାଗିତାକୁ ନେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଅଧ୍ୟକ୍ଷ ଅଶ୍ୱିନୀ ଖାଡ଼ଙ୍ଗା, ପ୍ରଧାନଶିକ୍ଷକ ସୁନିଲ କୁମାର ଗୌଡ଼, ଯୁକ୍ତ ୨ କଲେଜ ଅଧ୍ୟକ୍ଷ ସୁରେନ୍ଦ୍ର ସ୍ୱାଇଁ, ଅଧ୍ୟାପକ ସ୍ୱଦେଶ କୁମାର ଦଳାଇଙ୍କ ସହ ବହୁ ଛାତ୍ରଛାତ୍ରୀ ଓ କର୍ମକର୍ତ୍ତା ଯୋଗଦେଇଥିଲେ।

# ଭାରତ ବନ୍ଦ ଡକରା; ୧୦ ଟ୍ରେଡ୍ ୟୁନିଅନ ପକ୍ଷରୁ ଆନ୍ଦୋଳନ









ଛତ୍ରପୁର, ୯।୭ (ସମିସ): କେନ୍ଦ୍ର ସରକାରଙ୍କ ଶ୍ରମିକ ଓ କୃଷକ ବିରୋଧୀ ତଥା କର୍ପୋରେଟ୍ ସପକ୍ଷବାଦୀ ନୀତିକୁ ବିରୋଧ କରି ୧୦ଟି କେନ୍ଦ୍ରୀୟ ଟ୍ରେଡ୍ ୟୁନିୟନ ଓ ଏହାର ସହଯୋଗୀ ସଂଗଠନଗୁଡ଼ିକ ପକ୍ଷରୁ ବୁଧବାର ଭାରତ ବନ୍ଦ ପାଇଁ ଡକରା ଦିଆଯାଇଥିଲା। ଛତ୍ରପୁର ଓ ଚମାଖଣ୍ଡି ଛକରେ ଏହାର ପ୍ରଭାବ ଦେଖିବାକୁ ମିଳିଛି। ଛତ୍ରପୁର ସହରରେ ସକାଳୁ ଏଆଇଟିୟୁସି, ଆଇଏନଟିୟୁସି, ଏଚଏମଏସ ଓ ବିଭିନ୍ନ ଶ୍ରମିକ ସଂଗଠନ କର୍ମକର୍ତ୍ତାମାନେ ଶୋଭାଯାତ୍ରାରେ ସହର ପରିକ୍ରମା କରି ପିକେଟିଂ କରିବା ସହ ଦୋକାନ, ବଜାର, ବ୍ୟାଙ୍କ ଏବଂ ବିଭିନ୍ନ ଦପ୍ତର ବନ୍ଦ କରିଥିଲେ। ପରେ ଡିଆର୍‌ଡିଏ ଛକ ନିକଟ ଜାତୀୟ ରାଜପଥକୁ କିଛି ସମୟ ନିମନ୍ତେ ବନ୍ଦ କରିଥିଲେ। ଫଳରେ ଗାଡ଼ି ଚଳାଚଳ ବନ୍ଦ ରହିଥିବାରୁ ଯାତ୍ରୀମାନେ ନିଜର ଗନ୍ତବ୍ୟସ୍ଥଳକୁ ଯାଇ ନ ପାରି ଅସୁବିଧାରେ ସମ୍ମୁଖୀନ ହୋଇଥିଲେ। ସେହିପରି ଚମାଖଣ୍ଡି ଛକଠାରେ ପୂର୍ବାହ୍ଣରେ ଏଆଇଟିୟୁସି ପକ୍ଷରୁ ଜାତୀୟ ରାଜପଥ ଅବରୋଧ କରାଯାଇଥିଲା। ଛତ୍ରପୁର ଏଆଇଟିୟୁସି ଜାତୀୟ ପରିଷଦ ସଭ୍ୟ ଏନ୍. ନାରାୟଣ ରେଡ୍ଡୀ, ଏଆଇଟିୟୁସି ଜିଲ୍ଲା ନେତା ନୀଳକଣ୍ଠ ଦାଶ, ଡି. ଆଦିନାରାୟଣ ରେଡ୍ଡୀ, ଆଦିତ୍ୟ ମିଶ୍ର, ନାରୀନେତ୍ରୀ ଏନ୍. ଭାନୁମତି ରେଡ୍ଡୀ, ଏସ୍. କ୍ରିଷ୍ଣା ରେଡ୍ଡୀ, ମାଗୁଣି ବିଷୋୟୀ, ଚିଙ୍କରା ବେହେରା, ମଧୁରା ସୁବୁଦ୍ଧିଙ୍କ ସମେତ ବହୁ ଶ୍ରମିକ ଓ କୃଷକ ସାମିଲ ହୋଇଛନ୍ତି। ଏହି ଅବସରରେ ଛତ୍ରପୁର ଉପଖଣ୍ଡ ଚିକିତ୍ସାଳୟରେ ସମସ୍ତ ବିଭାଗର ଡାକ୍ତର ପଦ ପୂରଣ କରିବା, ଡିଆର୍‌ଡିଏ ଓ କଲେଜ ଛକ ନିକଟରେ ତୁରନ୍ତ ଓଭରବ୍ରିଜ୍ ନିର୍ମାଣ କରିବା, ଚାଷୀଙ୍କ ସୁବିଧା ନିମନ୍ତେ କରାତଳି ତାମ୍ପରାକୁ ଆନ୍ଧ୍ର ମାଛ ମାଫିଆଠାରୁ ଉଚ୍ଛେଦ କରି ତାହାର ପୁନଃଉଦ୍ଧାର କରିବା ସହିତ ସ୍ଥାନୀୟ ଅଞ୍ଚଳର ବିଭିନ୍ନ ଦାବି କରାଯାଇଥିଲା।

**ଖଲ୍ଲିକୋଟ:** ଖଲ୍ଲିକୋଟରେ ବନ୍ଦ ପାଳନ କରାଯାଇଥିଲା। ସକାଳ ୮ଟା ରୁ ନିର୍ମଳଝର ଛକଠାରେ ଶହ ଶହ ବିକ୍ଷୋଭକାରୀ ରାସ୍ତା ଉପରେ ବସି ରହିଥିଲେ। ଫଳରେ ସର୍ବସାଧାରଣଙ୍କ ଯାତାୟାତ ସମ୍ପୂର୍ଣ୍ଣ ଠପ୍ ହୋଇଯାଇଥିଲା। ଏଥିରେ ସିପିଆଇ ରାଜ୍ୟ ନେତା ସାଥୀ ଶ୍ରୀହର୍ଷ ରଥ, ଏଆଇଟିୟୁସି ଗଞ୍ଜାମ ଜିଲ୍ଲା ସହ ସମ୍ପାଦକ ସାଥୀ ଦୁର୍ଗା ଚରଣ ପାତ୍ର, ସିପିଆଇ ଅଞ୍ଚଳ ସମ୍ପାଦକ ସାଥୀ ସୀମାଞ୍ଚଳ ବେହେରା, ସହ ସମ୍ପାଦକ ଜୟରାମ ଦାଶ, ବିଦ୍ୟାଧର ବେହେରା, ବିକେଏମ୍‌ୟୁ ଜିଲ୍ଲା ସମ୍ପାଦକ ସାଥୀ ରଘୁନାଥ ଗୌଡ଼, ଯୁବସଂଘ ଜିଲ୍ଲା ସମ୍ପାଦକ ମନୋଜ ଗୌଡ଼, କୃଷକ ନେତା ଲକ୍ଷ୍ମୀ ପାଣିଗ୍ରାହୀ, କନ୍ଧ ପ୍ରଧାନ, ନିର୍ମାଣ ଶ୍ରମିକ ନେତା ସୀମାଞ୍ଚଳ ବାରିକ, ସନ୍ତୋଷ ଦଳେଇ, ଡାନିଏଲ୍ ଶବର, ଲକେୟା ଶବର, ସୁବାଷ ଯାନି ପ୍ରମୁଖ ନେତୃତ୍ୱ ନେଇଥିଲେ।

**ଧରାକୋଟ:** ଧରାକୋଟରେ ଭାରତୀୟ କମ୍ୟୁନିଷ୍ଟ ପାର୍ଟି ତରଫରୁ ଧର୍ମଘଟ କରାଯାଇଛି। ଧରାକୋଟ ବ୍ଲକ ଆଞ୍ଚଳିକ ସମ୍ପାଦକ ବିଦେଶୀ ନାହାକଙ୍କ ନେତୃତ୍ୱରେ ଦଳର କର୍ମୀ ଯୋଗଦେଇ ଧରାକୋଟ ବ୍ଲକ୍, ତହସିଲ୍, ବ୍ୟାଙ୍କ୍, ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ଆଗରେ ଧାରଣା ଦେଇଥିଲେ। କେନ୍ଦ୍ର ସରକାରଙ୍କ ଶ୍ରମିକ ମାରଣ ନୀତିର ତୀବ୍ର ବିରୋଧ କରାଯାଇଥିଲା। କାର୍ଯ୍ୟକ୍ରମରେ ପାର୍ଟିର ସହ ସମ୍ପାଦକ ଡି. ରଘୁନାଥ ପାତ୍ର, କର୍ମକର୍ତ୍ତା କୈଳାଶ ସାହୁ, ସନ୍ତୋଷ ସ୍ୱାଇଁ ଏବଂ ବିଭିନ୍ନ ସଂଗଠନର ସଦସ୍ୟ ତଥା ପାଚିକା, ସହାୟିକାମାନେ ଯୋଗଦେଇଥିଲେ। ମୁଖ୍ୟତଃ ଆଗାମୀ ଦିନରେ କେନ୍ଦ୍ର ସରକାର ଆଣିବାକୁ ଥିବା ଶ୍ରମିକ ବିରୋଧୀ ୪ଟି ଆଇନକୁ କଦାପି ଲାଗୁ କରିବାକୁ ଦିଆଯିବ ନାହିଁ ବୋଲି ଆଞ୍ଚଳିକ ସମ୍ପାଦକ ବିଦେଶୀ ନାହାକ କହିଥିଲେ।

**ଭଞ୍ଜନଗର:** ଶ୍ରମିକମାନଙ୍କ ବିଭିନ୍ନ ଦାବି ପୂରଣ କରିବା ପାଇଁ ଚାଷୀ ମୂଲିଆ ସଂଘ, ମାନବାଧିକାର ସୁରକ୍ଷା ମଞ୍ଚ ଓ ଅଲ୍ ଇଣ୍ଡିଆ କ୍ଷେତ୍ ମଜଦୂର କିଷାନ୍ ସଭାର ମିଳିତ ଉଦ୍ୟମରେ ଭଞ୍ଜନଗର ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପ୍ରତିବାଦ କରିଥିଲେ। ଅଲ୍ ଇଣ୍ଡିଆ କ୍ଷେତ ମଜଦୂର କିଷାନ ସଭାର ଗଞ୍ଜାମ ଜିଲ୍ଲା ସମ୍ପାଦକ ନିରାକାର ନାୟକ, ଜଗନ୍ନାଥ ପ୍ରସାଦ ବ୍ଲକ୍ ସମ୍ପାଦକ ସଞ୍ଜୟ ନାୟକ, ଭଞ୍ଜନଗର ଓକିଲ ସଂଘର ପୂର୍ବତନ ସଭାପତି ତଥା ବରିଷ୍ଠ ଆଇନଜୀବୀ ଅଭିମନ୍ୟୁ ଗୌଡ଼, ମାନବାଧିକାର ସୁରକ୍ଷା ମଞ୍ଚର ଆବାହକ ଆଇନଜୀବୀ ଅବନୀ ଗୟା ପ୍ରମୁଖ ସାମିଲ ଥିଲେ। ଏଥିରେ ବୀମା କର୍ମଚାରୀ ସଂଘର ସାଧାରଣ ସମ୍ପାଦକ ମୂରଲୀ ମନୋହର ସାହୁ, ସଭାପତି ଅଦାଲା ପୁରୁଷୋତ୍ତମ, ଅବସରପ୍ରାପ୍ତ ବରିଷ୍ଠ ସଦସ୍ୟ ଏନ୍ ରଘୁନାଥ ବେହେରା ପ୍ରମୁଖ ନେତୃତ୍ୱ ନେଇଥିଲେ।




**ରମ୍ଭା:** ରମ୍ଭାରେ ଅନୁଷ୍ଠିତ ଅନ୍ଦୋଳନରେ ଓଡ଼ିଶା କୃଷକ ସଭାର ଜିଲ୍ଲା ସଭାପତି ପି. ହରେକୃଷ୍ଣ ରେଡ୍ଡି, ଯୋଗେଶ ଚନ୍ଦ୍ର ସାହୁ, ପ୍ରଭାକର ବେହେରା, ପଦ୍ମନାଭ ପ୍ରଧାନ, ଗୋବର୍ଦ୍ଧନ ପାହାନ ସହିତ ଶ୍ରମିକ ସଂଗଠନର ଭାସ୍କର ପାତ୍ର, ସନ୍ତୋଷ ଦାସ, କାଉନ୍‌ସିଲର କ୍ଷେତ୍ର ମୋହନ ବେହେରା, ନାରାୟଣ ନାୟକ, ସଦାନନ୍ଦ ନାୟକ, ରଜନୀକାନ୍ତ ବେହେରା, ଏନ୍ ମାଧବ ରାଓ, ଜେ. ଲୋକନାଥ ପାତ୍ର, ନବ କିଶୋର ବେହେରା ପ୍ରମୁଖ ଶତାଧିକ କର୍ମୀ ସାମିଲ ହୋଇଥିଲେ।

**ବୁଗୁଡ଼ା:** ବୁଗୁଡ଼ା ବ୍ଲକ୍ ଆଶାକର୍ମୀ ସଂଘ ପକ୍ଷରୁ ସମସ୍ତ ୧୩୧ ଜଣ ଆଶାକର୍ମୀ କାର୍ଯ୍ୟ ବନ୍ଦ ଆନ୍ଦୋଳନ କରିବା ସହ ବୁଗୁଡ଼ା ମେଡିକାଲ ପରିସରରେ ଧାରଣାରେ ବସିଥିଲେ। ଦାବିଗୁଡ଼ିକ ମଧ୍ୟରେ ଶ୍ରମିକ ବିରୋଧୀ ୪ର୍ଥ ଶ୍ରେଣୀ ଶ୍ରମ କୋଡ୍ ପ୍ରତ୍ୟାଖ୍ୟାନ କରିବା, ସର୍ବନିମ୍ନ ମଜୁରୀ ପ୍ରତି ମାସ ୨୬ ହଜାର ଟଙ୍କାକୁ ବୃଦ୍ଧି କରିବା, ଆଶା, ଅଙ୍ଗନବାଡ଼ି, ମାଧ୍ୟାହ୍ନ ଭୋଜନ ରୋଷେୟା ସମେତ ସମସ୍ତ ଯୋଜନା କର୍ମୀଙ୍କୁ ଭାରତୀୟ ଶ୍ରମ ସମ୍ମିଳନୀର ୪୫ତମ ଏବଂ ୪୬ତମ ସୁପାରିସ୍ ଅନୁଯାୟୀ ଶ୍ରମିକ ମାନ୍ୟତା ପ୍ରଦାନ କରିବା। ବୁଗୁଡ଼ା ବ୍ଲକ୍ ଆଶା ସଂଘ ସଭାପତି ସନ୍ତୋଷିନୀ ପଟ୍ଟନାୟକଙ୍କ ନେତୃତ୍ୱରେ ସମ୍ପାଦିକା ରଶ୍ମିତା ପଣ୍ଡା, ଉପସଭାପତି ସଫଳା ପାତ୍ର, ସହ ସମ୍ପାଦିକା ବବିତା ସୁବୁଦ୍ଧି, କୋଷାଧ୍ୟକ୍ଷ ପ୍ରୋମଦା ମିଶ୍ର ପ୍ରମୁଖ ଧାରଣାରେ ବସିଥିଲେ।



**ଗଞ୍ଜାମ :** ଗଞ୍ଜାମ ସହରରେ ଅନୁଷ୍ଠିତ ଧର୍ମଘଟରେ ସିପିଏମ୍‌ର ରାମଚନ୍ଦ୍ର ନାୟକ, ପଦ୍ମ ଚରଣ ପ୍ରଧାନ, ଦିଲ୍ଲୀପ ଛୋଟରାୟ, ଜତିରାଜ ପ୍ରଧାନ, ବୈରାଗୀ ବେହେରା, ପ୍ରଫୁଲ୍ଲ ସ୍ୱାଇଁ, ଅଜୟ ଗୌଡ଼, ଧର୍ମରାଜ ସ୍ୱାଇଁ, ଶ୍ରୀଧର ସ୍ୱାଇଁ, ତ୍ରିଲୋଚନ ପ୍ରଧାନ, ଗଙ୍ଗାଧର ରେଡ୍ଡି, ମନୋଜ ସାହୁ, ଖଲି ସ୍ୱାଇଁ, ପ୍ରଶାନ୍ତ ଛଟେଇ, ସିପିଆଇର ପୂର୍ଣ୍ଣଚନ୍ଦ୍ର ପଲେଇ, ସୀମାଞ୍ଚଳ ପଲେଇ, ପ୍ରତାପ ବିଶ୍ୱାଳ, ଆର୍ ଉମାକାନ୍ତ ରାଓ, ଶରତ ପରିଡ଼ା, ସାଗର ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ।







## ଠିକାଦାରଙ୍କ ମନମାନୀ
## ଜମିରେ ଗଦାହୋଇଛି ବାଲି-ଗୋଡ଼ି; ସମସ୍ୟା ଭୋଗୁଛନ୍ତି ଚାଷୀ

ଗଞ୍ଜାମ, ୯।୭ (ସମିସ): ଗଞ୍ଜାମ ବ୍ଲକ୍ ଅନ୍ତର୍ଗତ କାଇଞ୍ଚପୁର ପଞ୍ଚାୟତର କଲ୍ୟାଣପୁର ବାଟିମାଳ ଅଞ୍ଚଳରେ ଚାଷୀ ଏକ ଗୁରୁତର ସମସ୍ୟାର ସମ୍ମୁଖୀନ ହେଉଛନ୍ତି। କେନାଲ ନିର୍ମାଣ କାମ ପାଇଁ ଆସିଥିବା ବାଲି ଓ ଗୋଡ଼ି ଚାଷଜମିରେ ପଡ଼ିରହିଛି। ଫଳରେ ନେଇ ଚାଷ କାର୍ଯ୍ୟକୁ ବାଧାପ୍ରାପ୍ତ କରୁଛି। ବର୍ତ୍ତମାନ ଚାଷ ଋତୁ ଆରମ୍ଭ ହୋଇଥିବାବେଳେ ଏହି ବାଲି-ଗୋଡ଼ି ହଟାଇବା ନେଇ କୌଣସି ପଦକ୍ଷେପ ନିଆଯାଇ ନ ଥିବା ଯୋଗୁଁ ଚାଷୀକୂଳ ନାହିଁ ନ ଥିବା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ସ୍ଥାନୀୟ ଚାଷୀମାନେ ଅଭିଯୋଗ କରିଛନ୍ତି ଯେ, ବହୁ ଦିନ ହେଲା ଏହି ବାଲି ଓ ଗୋଡ଼ି ବିଲରେ ପଡ଼ି ରହିଛି, ଯାହା ଚାଷ କାମରେ ବାଧା ସୃଷ୍ଟି କରୁଛି। କେନାଲ ନିର୍ମାଣ ପାଇଁ ଆସିଥିବା ଏହି ବାଲି ଗୋଡ଼ି ଜମିରେ ଜମା ହୋଇ ରହିଥିବାରୁ ଜମି ଚାଷ ପାଇଁ ଅନୁପଯୁକ୍ତ ହୋଇପଡ଼ିଛି। ଏହି ବାଲି-ଗୋଡ଼ି ହଟାଇବା ପାଇଁ ବାରମ୍ବାର ଅଭିଯୋଗ କଲେ ମଧ୍ୟ କୌଣସି ପଦକ୍ଷେପ ନିଆଯାଉ ନ ଥିବା ଅଭିଯୋଗ ହେଉଛି। ଅଞ୍ଚଳର ଅଧିକାଂଶ ଚାଷୀ ଚାଷ ଉପରେ ନିର୍ଭରଶୀଳ ଥିବାବେଳେ ଜମିରେ ଜମା ହୋଇଥିବା ବାଲି-ଗୋଡ଼ି ଯୋଗୁଁ ଉତ୍ପାଦନ ହ୍ରାସ ପାଇବାର ଆଶଙ୍କା ରହିଛି। ସ୍ଥାନୀୟ ଚାଷୀ ଜିଲ୍ଲା ପ୍ରଶାସନ ଓ ସମ୍ପୃକ୍ତ ବିଭାଗକୁ ଯଥାଶୀଘ୍ର ଏହି ବାଲି-ଗୋଡ଼ି ହଟାଇବାକୁ ଅନୁରୋଧ କରିଛନ୍ତି। ଚାଷୀମାନେ ଦାବି କରିଛନ୍ତି ଯେ କେନାଲ ନିର୍ମାଣ କାମ ସମୟରେ ବାଲି, ଗୋଡ଼ି ରଖିବା ପାଇଁ ବ୍ୟବସ୍ଥା ପାଇଁ ଉଚିତ୍ ଯୋଜନା କରାଯାଇ ନ ଥିଲା। ବର୍ତ୍ତମାନ ପରିସ୍ଥିତି ନିୟନ୍ତ୍ରଣ ପାଇଁ ତୁରନ୍ତ ପଦକ୍ଷେପ ନିଆଯାଇ ଚାଷୀମାନଙ୍କ ସାମୂହିକ ସମସ୍ୟା ପ୍ରତି ଗୁରୁତ୍ୱ ଦେବାକୁ ଦାବି ହେଉଛି।



## ଶିକ୍ଷକଙ୍କୁ ଆକ୍ରମଣ କରି ଟଙ୍କା ଲୁଟ୍

ବ୍ରହ୍ମପୁର, ୯।୭ (ସମିସ): କେ. ନୂଆଗାଁ ଥାନା ଅନ୍ତର୍ଗତ ମା' ରତନେଇ ମନ୍ଦିର ନିକଟରେ ବୁଧବାର ସକାଳେ ଦୁର୍ବୃତ୍ତମାନେ ଆକ୍ରମଣ କରି ଟଙ୍କା ଲୁଟି ନେଇଛନ୍ତି। ଆହତ ଶିକ୍ଷକ ଜଣକ ହେଲେ ଖାରିଆଗୁଡ଼ା ଫାଣ୍ଡି ଅନ୍ତର୍ଗତ ପୁହୁଣ୍ଡି ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଶିକ୍ଷକ ରାଜେଶ ପାତ୍ର(୩୭)।



ପ୍ରକାଶ ଯେ, ଦିଗପହଣ୍ଡି ବ୍ଲକ୍ ଗୌଡ଼ଗାଁ ଗ୍ରାମର ରାଜେଶ ପାତ୍ର ପରିବାର ସହ ଚିକିଟି ଏନ୍‌ଏସି ଅନ୍ତର୍ଗତ କରବାଲୁଆ ଗ୍ରାମରେ ଦୀର୍ଘ ବର୍ଷ ଧରି ରହି ଆସୁଥିଲେ। ସବୁଦିନ ଭଳି ବୁଧବାର ସକାଳେ ନିଜ ଘରୁ ବାଇକ୍ ଯୋଗେ ବାହାରି ଚିକିଟି ପେଣ୍ଠସ୍ଥିତ ଏକ ପେଟ୍ରୋଲ୍ ଟାଙ୍କିରେ ପେଟ୍ରୋଲ ପକାଇ ଚାନ୍ଦପୁର ଦେଇ ସ୍କୁଲକୁ ଯିବା ସମୟରେ ଦୁଇଟି ବାଇକ୍‌ରେ ୪ ଜଣ ଦୁର୍ବୃତ୍ତ ପିଛା କରି ମା' ରତନେଇ ମନ୍ଦିର ଡୁମାଣି ନିକଟରେ ତାଙ୍କୁ ଅଟକାଇଥିଲେ। ପରେ ଏକ ଖଣ୍ଡାରେ ଆକ୍ରମଣ କରି ପକେଟରେ ଥିବା ୪ ହଜାର ଟଙ୍କା ଧରି ଫେରାର୍ ହୋଇଯାଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଚିକିଟିଗଡ଼ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଆହତ ରାଜେଶଙ୍କ ପକ୍ଷରୁ ଏନେଇ କେ. ନୂଆଗାଁ ଥାନାରେ କୌଣସି ଲିଖିତ ଅଭିଯୋଗ କରିନଥିବା ଜଣାପଡ଼ିଛି।

## 'ନିଷ୍ଟ'ରେ ଉତ୍ପାଦନ ଓ ଶିଳ୍ପ ୪.୦ ଉପରେ ଏଫ୍‌ଡିପି ଉଦ୍‌ଘାଟିତ

ବ୍ରହ୍ମପୁର, ୯।୭ (ସମିସ): ନିଷ୍ଟ ବିଶ୍ୱବିଦ୍ୟାଳୟରେ ଉତ୍ପାଦନ ଏବଂ ଶିଳ୍ପ ୪.୦: ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ବ୍ୟବହାର କରି ରୋବୋଟିକ୍ ଆପ୍ଲିକେସନ ଉପରେ ଏକ ସପ୍ତାହବ୍ୟାପୀ ଏଆଇସିଟିଇ ପ୍ରଶିକ୍ଷଣ (ଅଟଲ) ଏକାଡେମୀ ପ୍ରାୟୋଜିତ ଫ୍ୟାକଲ୍ଟି ବିକାଶ କାର୍ଯ୍ୟକ୍ରମ (ଏଫ୍‌ଡିପି) ଆୟୋଜିତ ହୋଇଯାଇଛି। ଏହି ଏଫ୍‌ଡିପି ବୈଦ୍ୟୁତିକ ବିଭାଗ ପକ୍ଷରୁ ଆୟୋଜିତ ହେଇଥିଲା। ମୁଖ୍ୟ ଅତିଥି ଭାବେ ଆଇଆଇଟି ଭୁବନେଶ୍ୱରର ପ୍ରଫେସର ଡ. ପାଣ୍ଡୁରଙ୍ଗା ବୁନ୍ଦାଭିଲି, ସମ୍ମାନିତ ଅତିଥି ଭାବେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ସ୍ନାତକୋତ୍ତର ପରିଷଦ ଅଧ୍ୟକ୍ଷ ଡ. ସୁକାନ୍ତ କୁମାର ତ୍ରିପାଠୀ ଯୋଗଦେଇଥିଲେ। ନିଷ୍ଟ ବିଶ୍ୱବିଦ୍ୟାଳୟର ଏକାଡେମିକ୍ ଡିନ୍ ଡ. ପି. ରାଜେଶ କୁମାର ଏବଂ ବିଦ୍ୟୁତିକ ବିଭାଗ ମୁଖ୍ୟ ଡ. ସସ୍ମିତା ପାଢ଼ୀଙ୍କ ଉପସ୍ଥିତିରେ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏହି ଅବସରରେ ମୁଖ୍ୟ ଅତିଥି କହିଥିଲେ ଯେ ଶିଳ୍ପ ୪.୦ ନାମରେ ପରିଚିତ ଚତୁର୍ଥ ଶିଳ୍ପ ବିପ୍ଳବରେ ଆମେ ଛିଡ଼ା ହୋଇଛୁ। ଏହି ବିପ୍ଳବ କେବଳ ସ୍ୱୟଂକ୍ରିୟତା ବିଷୟରେ ନୁହେଁ ବରଂ




ସ୍ମାର୍ଟ ସ୍ୱୟଂକ୍ରିୟତା ବିଷୟରେ ସାଇବର-ଫିଜିକାଲ ସିଷ୍ଟମ୍, ଇଣ୍ଟରନେଟ୍ ଅଫ୍ ଥିଙ୍ଗସର ମିଶ୍ରଣ। ଇଣ୍ଡଷ୍ଟ୍ରି ୪.୦ରେ ଏଭଳି ବୁଦ୍ଧିମାନ କାରଖାନାର ପରିକଳ୍ପନା କରାଯାଇଛି, ଯେଉଁଠି ମେସିନ୍ ସଂଯୋଗ, ତଥ୍ୟ ଆଧାରିତ ଏବଂ ସ୍ୱୟଂଶାସିତ ନିଷ୍ପତ୍ତି ନେବାରେ ସକ୍ଷମ। ଏହି ପରିବର୍ତ୍ତନର ମୂଳରେ ରହିଛି ରୋବୋଟିକ୍ସରେ ଏଆଇର ଏକୀକରଣ। ଏହି ଅବସରରେ ସମ୍ମାନିତ ଅତିଥି ଡ. ସୁକାନ୍ତ ତ୍ରିପାଠୀ କହିଲେ ଯେ ପୂର୍ବର ଶିଳ୍ପ ବିପ୍ଳବ ଭଳି ଶିଳ୍ପ ୪.୦ କ୍ଷେତ୍ରଭିତ୍ତିକ ନୁହେଁ। ଏହା ଯାନ୍ତ୍ରିକ ଡିଜାଇନ, ବୈଦ୍ୟୁତିକ ନିୟନ୍ତ୍ରଣ, କମ୍ପ୍ୟୁଟର ବିଜ୍ଞାନ, ତଥ୍ୟ ବିଶ୍ଳେଷଣ, ସାଇବର ସୁରକ୍ଷା ଏବଂ ଶିଳ୍ପ ପରିଚାଳନାକୁ ଏକାଠି କରି ବୁଦ୍ଧିମାନ, ଅନୁକୂଳ ଏବଂ ସଂଯୁକ୍ତ ଉତ୍ପାଦନ ପ୍ରଣାଳୀ ସୃଷ୍ଟି କରିଥାଏ। ଏହାର ସଂଯୋଜନା ଡ. ବସନ୍ତ କୁମାର ସାହୁ ଓ ସହସଂଯୋଜନା ଡ. ଅଶ୍ୱିନୀ ନାୟକ କରିଥିଲେ। କାର୍ଯ୍ୟକ୍ରମକୁ ନିଷ୍ଟ ବିଶ୍ୱବିଦ୍ୟାଳୟର ଡ. ପ୍ରୀତି ରଞ୍ଜନ ସାହୁ, ଡ. କୁଞ୍ଜ ବିହାରୀ ସ୍ୱାଇଁ, ଡ. ସି. ମୂର୍ତ୍ତି, ଡ. ଅମୃତା ପଟ୍ଟନାୟକ, ପ୍ର. ଚିତ୍ତରଞ୍ଜନ ବିଶ୍ୱାଳ, ପ୍ର. ଅରବିନ୍ଦ ପଣ୍ଡା, କେଦାର ନାଥ ଦାଶ, ଶରତ ଜେନା, ସନ୍ତୋଷ ନାୟକ, ଗୋପବନ୍ଧୁ ଉତରକବାଟ, ସୁନୀଲ ରୟ ପ୍ରମୁଖ ସହଯୋଗ କରିଥିଲେ। କାର୍ଯ୍ୟକ୍ରମକୁ ଡ. ଆକାଂକ୍ଷା ପଟ୍ଟନାୟକ ପରିଚାଳନା କରିଥିଲେ।

# ଆୟୁଷ୍ମାନ ଆରୋଗ୍ୟ ମନ୍ଦିର; ଚାରିଆଡ଼େ ଅନ୍ଧାର

କୁକୁଡ଼ାଖଣ୍ଡି, ୯।୭ (ସମିସ)




ବଦଳିଲା ସରକାର। ବଦଳିଛି ଅନେକ ଯୋଜନାର ନାମ। ଏଥିରୁ ବାଦ୍ ପଡ଼ିନି ସ୍ୱାସ୍ଥ୍ୟ ବିଭାଗ। ଏହି ବିଭାଗ ସବୁ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ଓ ଉପକେନ୍ଦ୍ରକୁ ଆୟୁଷ୍ମାନ ଆରୋଗ୍ୟ ମନ୍ଦିର କରିଛି। କିନ୍ତୁ ଏହି ମନ୍ଦିର ବାହାରକୁ ସୁନ୍ଦର, ଭିତର ପୂରା ଅନ୍ଧାର। ଏକଥା କୌଣସି ଅପହଞ୍ଚ ଇଲାକାର ନୁହେଁ ବରଂ ବ୍ରହ୍ମପୁର ସହରଠାରୁ ଅନତି ଦୂରରେ ଥିବା କୁକୁଡ଼ାଖଣ୍ଡି ବ୍ଲକ୍‌ର ଆଙ୍କୁଶପୁର ଗାଁର କଥା। ଏହି ସମସ୍ୟା ଦୀର୍ଘ ବର୍ଷେ ହେବ ଲାଗିରହିଛି। ଏହା ସମାଧାନର ନାଁ ନେଉ ନ ଥିବାବେଳେ ଏଥିସହ ସମ୍ପୃକ୍ତ ବିଭିନ୍ନ ବିଭାଗର ଅଧିକାରୀ କେବଳ ପରସ୍ପର ଦୋଷ ଲଦାଲଦି ହେବାରେ ବ୍ୟସ୍ତ ରହିଛନ୍ତି। ଫଳରେ ରୋଗୀଙ୍କୁ ଉଚିତ୍ ସ୍ୱାସ୍ଥ୍ୟସେବା ମିଳୁନଥିବାବେଳେ ସ୍ଥାନୀୟ ବାସିନ୍ଦା କ୍ଷୁବ୍ଧ ହୋଇଛନ୍ତି।

ସୂଚନା ପ୍ରକାରେ, ଆଙ୍କୁଶପୁର ପଞ୍ଚାୟତରେ ଗତବର୍ଷ ସେପ୍ଟେମ୍ବର ମାସରେ ଆୟୁଷ୍ମାନ ଆରୋଗ୍ୟ ମନ୍ଦିର ପ୍ରତିଷ୍ଠା ହୋଇଥିଲା। ପୂର୍ବରୁ ଉପ ସ୍ୱାସ୍ଥ୍ୟକେନ୍ଦ୍ରଟି ଗ୍ରାମର ଏକ ସାହି ଭିତରେ ଥିଲା। ପରିତାପର ବିଷୟ ଗତବର୍ଷଠାରୁ ନୂତନ କୋଠାରେ ସ୍ୱାସ୍ଥ୍ୟକେନ୍ଦ୍ର ଚାଲୁଛି। ସମସ୍ତ ବିଦ୍ୟୁତ ଉପକରଣ ମଧ୍ୟ ଖଞ୍ଜାଯାଇଛି। ହେଲେ ବିଦ୍ୟୁତ୍ ସଂଯୋଗ ହୋଇନି। ଏହି କେନ୍ଦ୍ରରେ ଫ୍ରିଜ୍, ଫ୍ୟାନ୍ ଇତ୍ୟାଦି ଥିବାବେଳେ ଛୋଟ ଛୁଆମାନେ ଟିକା ନେବା ପାଇଁ ଆସନ୍ତି। ହେଲେ ବିଦ୍ୟୁତ୍ ନ ଥିବାରୁ ଫ୍ରିଜ୍ ଚାଲୁନି। ଫଳରେ ଟିକାଗୁଡ଼ିକ ବାହାରେ ଖୋଲାରେ ରହି ନଷ୍ଟ ହେଉଛି। ଟିକାଗୁଡ଼ିକ ନଷ୍ଟ ହେବା ଫଳରେ ଠିକଣା ସମୟରେ ଛୁଆମାନେ ଟିକା ନେବାରୁ ବଞ୍ଚିତ ହେଉଥିବା ଅଭିଯୋଗ ହେଉଛି। ସେହିପରି ଦକ୍ଷିଣପୁର, କଙ୍କିଆ, ମହୁଡ଼ା, ଶିହଳାରେ ମଧ୍ୟ ଅନୁରୂପ ଅବସ୍ଥା ଦେଖିବାକୁ ମିଳିଛି। ଯେଉଁ ମହତ୍ ଉଦ୍ଦେଶ୍ୟ ନେଇ ସରକାର ଏହି ସବୁ ମନ୍ଦିର ନିର୍ମାଣ କରିଥିଲେ। ତାହା ଲୋକଙ୍କ ସେବାରେ ଲାଗୁନି। ଫଳରେ ରୋଗୀ ହନ୍ତସନ୍ତ ହେଉଛନ୍ତି। ତେବେ ଲୋକଙ୍କ ସ୍ୱାର୍ଥ ଦୃଷ୍ଟିରୁ ବ୍ଲକ୍ ଓ ଜିଲ୍ଲା ସ୍ୱାସ୍ଥ୍ୟ ପ୍ରଶାସନ ଏଥିପ୍ରତି ତୁରନ୍ତ ଦୃଷ୍ଟି ଦେଇ ସମସ୍ୟାର ସମାଧାନ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି। ଅପରପକ୍ଷେ

- **ନଷ୍ଟ ହେଉଛି ଔଷଧ, ବାରଣ୍ଡାରେ ଟୀକାକରଣ**
- **ପରସ୍ପର ଦୋଷ ଲଦାରେ ବ୍ୟସ୍ତ ଅଧିକାରୀ**
- **ସମସ୍ୟା ସମାଧାନ ହେଉନି; ରୋଗୀ କ୍ଷୁବ୍ଧ**

ଏନେଇ ଉପ ସ୍ୱାସ୍ଥ୍ୟକେନ୍ଦ୍ର ଭାରପ୍ରାପ୍ତ କମ୍ୟୁନିଟି ହେଲଥ ଅଫିସର ସାଗରିକା ସେନାପତିଙ୍କୁ ପଚାରିବାରୁ ସେ କହିଛନ୍ତି ଯେ, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର କୁକୁଡାଖଣ୍ଡି ପକ୍ଷରୁ ଚିଠି ସଂଖ୍ୟା ୨୮୮/୪.୧୦.୨୦୨୪ ପ୍ରକାରେ ବିଦ୍ୟୁତ ବିଭାଗକୁ ନୂତନ ଲାଇନ ସଂଯୋଗ ନିମନ୍ତେ ଚିଠି ଦିଆଯାଇଛି। କିନ୍ତୁ ଆଜି ପର୍ଯ୍ୟନ୍ତ ବିଦ୍ୟୁତ ସଂଯୋଗ ହୋଇନି। ଏନେଇ କୁକୁଡାଖଣ୍ଡି ବିଦ୍ୟୁତ ବିଭାଗ ଅଧିକାରୀଙ୍କ ସହ ଯୋଗାଯୋଗ କରିବାରୁ ସେ କହିଛନ୍ତି ସେହି କେନ୍ଦ୍ରର ଆନୁସଙ୍ଗିକ ବ୍ୟବସ୍ଥା ନାହିଁ। ତେଣୁ ସ୍ଥଗିତ ରହିଛି। ତେବେ ଏହି କୋଠାଟି କୁକୁଡାଖଣ୍ଡି ଗୋଷ୍ଠୀ ଉନ୍ନୟନ କାର୍ଯ୍ୟାଳୟ ଅଧିକରେ ଏହି ଆରୋଗ୍ୟ ମନ୍ଦିର ନିର୍ମିତ ହୋଇଛି। କିନ୍ତୁ ବ୍ଲକ ପ୍ରଶାସନ ଏଠାରେ ବିଦ୍ୟୁତ ସଂଯୋଗ କରିବାର ଦାୟିତ୍ୱକୁ ପ୍ରାଥମିକତା ଦେଇପାରିନି। ଏନେଇ ସ୍ଥାନୀୟ ବିଡ଼ିଓ ପଲ୍ଲବୀ ସ୍ୱାଇଁଙ୍କୁ ପଚାରିବାରେ ସେ କହିଛନ୍ତି ଯେ, କୋଠା ନିର୍ମାଣ ଦାୟିତ୍ୱ ଆମର। କିନ୍ତୁ ଉକ୍ତ କୋଠାକୁ ବିଦ୍ୟୁତ୍ ସଂଯୋଗ ବ୍ୟବସ୍ଥା ଆମର ନୁହେଁ। ବାସ୍ତବରେ ଟାଟାପାୱାର ଓ ବ୍ଲକ ପ୍ରଶାସନ ବିଭିନ୍ନ ସମୟରେ ଦାୟିତ୍ୱରେ ଦୂରେଇ ଯାଇଥିବା ବେଳେ ସାଧାରଣ ରୋଗୀଙ୍କ ସମସ୍ୟା ସମାଧାନର ବାଟ ଖୋଲିବାରେ ଜିଲ୍ଲା ପ୍ରଶାସନ ତୁରନ୍ତ ହସ୍ତକ୍ଷେପ କରିବାକୁ ଦାବି ହୋଇଛି।

## ସିଙ୍ଗାବାଡ଼ି ଦିଲ୍ଲୀପ ପାତ୍ର ହତ୍ୟା ଘଟଣା; ମୁଖ୍ୟ ଅଭିଯୁକ୍ତ ଗିରଫ

ରଙ୍ଗେଇଲୁଣ୍ଡା, ୯।୭ (ସମିସ): ଗୋଳନ୍ଥରା ଥାନା ଅନ୍ତର୍ଗତ ସିଙ୍ଗାବାଡ଼ି ଗ୍ରାମରେ ଗତ ୬ ତାରିଖ ରାତିରେ ଘଟିଥିବା ହତ୍ୟାକାଣ୍ଡ ଘଟଣାର ମୁଖ୍ୟ ଅଭିଯୁକ୍ତ ଗିରଫ ହୋଇଛି। ଅଭିଯୁକ୍ତ ଜଣକ ହେଲେ ସିଙ୍ଗାବାଡ଼ି ଗ୍ରାମର ପୀତବାସ ସାହୁ(୩୮)। ପୁଲିସ ଅଭିଯୁକ୍ତଠାରୁ ହତ୍ୟାରେ ବ୍ୟବହୃତ ଖଣ୍ଡା, ରକ୍ତଭିଜା ପୋଷାକ ଓ ବାଇକ୍ ଜବତ କରିଛି।

ପୁଲିସ ସୂଚନାନୁସାରେ, ଦିଲ୍ଲୀପ ପାତ୍ର ସିଙ୍ଗାବାଡ଼ି ଗ୍ରାମରେ ହାର୍ଡୱାର୍ ବ୍ୟବସାୟ କରୁଥିବାବେଳେ ଏକାକୀ ରହୁଥିଲେ। ଗତ କିଛିଦିନ ପୂର୍ବେ କନିଷି ହାଟରେ ଦିଲ୍ଲୀପଙ୍କ ବାଇକ୍ ସହ ଅଭିଯୁକ୍ତ ପୀତବାସଙ୍କ ବାଇକ୍ ଧକ୍କା ହୋଇଥିଲା। ଏଥିର ପୀତବାସଙ୍କ ଗାଡ଼ି ଭାଙ୍ଗିଯିବା ସହ ଆଘାତ ଲାଗିଥିଲା। ପୀତବାସ କ୍ଷତିପୂରଣ ଦାବି କରିଥିବାବେଳେ ଦିଲ୍ଲୀପ ମଧ୍ୟ ଦେବା ପାଇଁ ପ୍ରତିଶ୍ରୁତି ଦେଇଥିଲେ। କିନ୍ତୁ ପରବର୍ତ୍ତୀ ସମୟରେ ପୀତବାସ କ୍ଷତିପୂରଣ ମାଗିବାରୁ ଦିଲ୍ଲୀପ କ୍ଷତିପୂରଣ ଦେବାକୁ କୁଆଡ଼େ ମନା କରିଦେଇଥିଲେ। ଏହାକୁ ନେଇ ଉଭୟଙ୍କ ମଧ୍ୟରେ ମନାନ୍ତର ହୋଇଥିଲା। ଗତ ୬ ତାରିଖ ରାତି ୧୦ଟା ବେଳେ ପୀତବାସ ସହ କେତେଜଣ ଯୁବକ ଦିଲ୍ଲୀପଙ୍କ ଘରେ ପହଞ୍ଚି ତାଙ୍କୁ ଡାକିବା ସହ କ୍ଷତିପୂରଣ ଦାବି କରିଥିଲେ। ଏହାକୁ ନେଇ ଯୁକ୍ତିତର୍କ ହୋଇଥିଲା। ଦିଲ୍ଲୀପ ମନା କରିବାରୁ ତାଙ୍କୁ ବାରଣ୍ଡାରୁ ଘୋଷାଡ଼ି ଆଣି ଖଣ୍ଡାରେ ଆକ୍ରମଣ କରିଥିଲେ। ଗୋଳନ୍ଥରା ଥାନା ଅଧିକାରୀ ବିବେକାନନ୍ଦ ସ୍ୱାଇଁ ଘଟଣାସ୍ଥଳରେ ପହଞ୍ଚି ଦିଲ୍ଲୀପଙ୍କୁ ଗ୍ରାମବାସୀଙ୍କ ସହଯୋଗରେ ବ୍ରହ୍ମପୁର ବଡ଼ ଡାକ୍ତରଖାନାରେ ଭର୍ତ୍ତି କରିଥିବାବେଳେ ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ ଦିଲ୍ଲୀପଙ୍କ ଭାଇ ହରିଶ୍ଚନ୍ଦ୍ର ପାତ୍ର ଗୋଳନ୍ଥରା ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୁଲିସ କେସ୍ ନଂ ୨୮୬/୨୫ରେ ଏକ ମାମଲା ରୁଜୁ କରିବା ସହ ତଦନ୍ତ ଆରମ୍ଭ କରିଥିଲେ। ପୁଲିସ ଟାମଣା ଛକରୁ ପୀତବାସଙ୍କୁ ଗିରଫ କରିବାରେ ସଫଳ ହୋଇଥିଲା। ସେହିପରି ଅନ୍ୟ ଅଭିଯୁକ୍ତଙ୍କୁ ଧରିବା ପାଇଁ ଚଢ଼ଉ ଜାରି ରହିଛି ଏବଂ ଖୁବ୍‌ଶୀଘ୍ର ସେମାନଙ୍କୁ ଗିରଫ କରାଯିବ ବୋଲି ଥାନାଧିକାରୀ କହିଛନ୍ତି।



## ଉସ୍ତପାଲ୍ଲୀରେ ଝାଡ଼ାବାନ୍ତି; ଏମ୍‌କେସିଜିରେ ୩ ଭର୍ତ୍ତି

ବ୍ରହ୍ମପୁର,୯।୭(ସମିସ): ଦିଗପହଣ୍ଡି ବ୍ଲକ୍ ଅର୍ନ୍ତଗତ ସହଦେବ ଟିକରପଡ଼ା ପଞ୍ଚାୟତ ଉସ୍ତପଲ୍ଲୀ ଗ୍ରାମରେ ଝାଡ଼ାବାନ୍ତିରେ ଆକ୍ରାନ୍ତଙ୍କ ଏମ୍‌କେସିଜି ମେଡିକାଲରେ ମୋଟ୍ ୩ଜଣ ରୋଗୀଙ୍କ ଚିକିତ୍ସା ଜାରି ରହିଛି। ମେଡିକାଲ ଡାଇରିଆ ୱାର୍ଡ, ମେଡିସିନ ୱାର୍ଡ ଓ ଶିଶୁ ବିଭାଗରେ ଜଣେ ଲେଖାଏଁ ଝାଡ଼ାବାନ୍ତିରେ ଆକ୍ରାନ୍ତ ଚିକିତ୍ସା ଜାରି ରହିଛି। ଅନ୍ୟପକ୍ଷରେ ଅନ୍ୟ ସମସ୍ତ ଆକ୍ରାନ୍ତ ସୁସ୍ଥ ହୋଇ ଘରକୁ ଫେରିଥିବା ମେଡିକାଲ ପକ୍ଷରୁ କୁହାଯାଇଛି।

## ରଙ୍ଗେଇଲୁଣ୍ଡା ବିମାନବନ୍ଦର ଯାଞ୍ଚକଲେ ବାଣିଜ୍ୟ ଓ ପରିବହନ ଅତିରିକ୍ତ ସଚିବ



ବ୍ରହ୍ମପୁର,୯।୭(ସମିସ): ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ନିକଟସ୍ଥ ରଙ୍ଗେଇଲୁଣ୍ଡା ବିମାନବନ୍ଦରକୁ ବୁଧବାର ବାଣିଜ୍ୟ ଓ ପରିବହନ ବିଭାଗର ଅତିରିକ୍ତ ସଚିବ ସୁରଞ୍ଜିତା ଜେନା ଏବଂ ବିମାନବନ୍ଦରର ଉପଦେଷ୍ଟା ସୁରେଶ ହୋତା ପହଞ୍ଚି ଚାଲିଥିବା କାମର ବୁଲି ତଦାରଖ କରିଛନ୍ତି। ପରେ ବିମାନବନ୍ଦର କାର୍ଯ୍ୟାଳୟଠାରେ ପୂର୍ତ୍ତ ବିଭାଗ ଗଞ୍ଜାମ-୨ର ଏସ୍‌ଇ, ଏସ୍‌ଡିଓ, ଜେଇ, ଇରିଗେସନ, ୱାଟ୍‌କୋ, ଟିପିଏସ୍‌ଓଡିଏଲ୍, ରଙ୍ଗେଇଲୁଣ୍ଡା ବ୍ଲକ୍‌ର ଏସ୍‌ଡିଓ ପ୍ରମୁଖଙ୍କ ସହ ବିମାନବନ୍ଦରର ବିଭିନ୍ନ କାମ ପଚାରି ବୁଝିବା ସହ ଆଲୋଚନା କରିଥିଲେ। କାମ କିଭଳି ଶୀଘ୍ର ସରିବ ତାହା ଉପରେ ଦୃଷ୍ଟି ଦେବାକୁ କହିଥିଲେ।

● ଭୂତ ପ୍ଲଟ୍ ବିକି ୬୭ ଲକ୍ଷ ଟଙ୍କା ଠକେଇ ମାମଲା

## ମହିଳାଙ୍କ ସମେତ ୨ଜଣଙ୍କୁ ଜାମିନ

ବ୍ରହ୍ମପୁର,୯।୭(ସମିସ): ସର୍ବସାଧାରଣଙ୍କ ରାସ୍ତାକୁ ପ୍ଲଟ୍ ଦର୍ଶାଇ ଠକେଇ କରିଥିବା ଅଭିଯୋଗରେ ଗିରଫ ହୋଇଥିବା ଜଣେ ମହିଳାଙ୍କ ସମେତ ୨ଜଣଙ୍କୁ କୋର୍ଟରୁ ସର୍ତ୍ତମୂଳକ ଜାମିନ ମିଳିଛି। ବ୍ରହ୍ମପୁର ଏସ୍‌ଡିଜେଏମ୍‌ଙ୍କ କୋର୍ଟରୁ ଏହି ଜାମିନ ମିଳିଥିବା ମୁଦାଲାଙ୍କ ଓକିଲ ନୃସିଂହ ମିଶ୍ର, ସୁଧୀର ମିଶ୍ର ଓ ଶିବରାମ ପାତ୍ର ସୂଚନା ଦେଇଛନ୍ତି। ପ୍ରକାଶଯୋଗ୍ୟ ଯେ, ଟାଉନ ଥାନା ଅନ୍ତର୍ଗତ ଗାନ୍ଧୀନଗର ଅଞ୍ଚଳରେ ଏକ ପ୍ଲଟ୍ କାରବାରରେ ଠକେଇର ଶିକାର ହୋଇଥିବା ନେଇ ମିଳନ କୁମାର ଅଭିଯୋଗ କରିଥିଲେ। ଏହି କାରବାରରେ ମିଳନ ପ୍ରାୟ ୬୭ଲକ୍ଷ ଟଙ୍କା ଠକେଇର ଶିକାର ହୋଇଥିବା ଅଭିଯୋଗ କରିଥିଲେ। ଅଭିଯୋଗ ପ୍ରକାରେ ପୁଲିସ ମାମଲା ରୁଜୁ କରି ଘଟଣାର ମୁଖ୍ୟ ଅଭିଯୁକ୍ତ ଜଳନ୍ଧର ଦଳେଇ ଓ ତାଙ୍କ ପତ୍ନୀ ରୀତା ଦଳେଇଙ୍କ ସମେତ ସଞ୍ଜୀବ ରତନଙ୍କୁ ପର୍ଯ୍ୟାୟ କ୍ରମେ ଗିରଫ କରି କୋର୍ଟଚାଲାଣ କରିଥିଲା। ଏହି ଘଟଣାରେ ସମ୍ପୃକ୍ତ ଅନ୍ୟତମ ଅଭିଯୁକ୍ତ ମନୋଜ ପଣ୍ଡା ଅଦ୍ୟାବଧି ପୁଲିସ ଆଖିରେ ଧୂଳି ଦେଇ ଫେରାର ହେବାରେ ସକ୍ଷମ ହୋଇଛି। ଫେରାର ମନୋଜ ପଣ୍ଡାକୁ ଗିରଫ କରିବାକୁ ପୁଲିସ ପକ୍ଷରୁ ବିଭିନ୍ନ ସନ୍ଦିଗ୍ଧ ସ୍ଥାନରେ ତନାଘନା ଜାରି ରହିଛି। ଇତି ମଧ୍ୟରେ ଘଟଣାରେ ସହାୟତା କରି ଗିରଫ ହୋଇଥିବା ଉଭୟ ସହଯୋଗୀ ଯଥା ରୀତା ଦଳେଇ ଓ ସଞ୍ଜୀବ ରତନଙ୍କ ଜାମିନ ଆବେଦନକୁ ସ୍ଥାନୀୟ ଏସ୍‌ଡିଜେଏମ୍ କୋର୍ଟ ମଞ୍ଜୁର କରିଥିବା ଉଭୟଙ୍କ ଓକିଲ ସୂଚନା ଦେଇଛନ୍ତି। ତେବେ ଘଟଣାର ମୁଖ୍ୟ ଅଭିଯୁକ୍ତ କୁହାଯାଉଥିବା ଜଳନ୍ଧର ଦଳେଇ ବର୍ତ୍ତମାନ ସୁଦ୍ଧା ଜେଲ୍‌ରେ ବିଚାରାଧୀନ କଏଦୀ ଭାବେ ଥିବା ଜଣାପଡ଼ିଛି।

## ଓଡ଼ିଶା ରାଜ୍ୟ ଅବସରପ୍ରାପ୍ତ କର୍ମଚାରୀ ମହାସଂଘର ବୈଠକ

ବ୍ରହ୍ମପୁର,୯।୭(ସମିସ): ସହିଦ ଲକ୍ଷ୍ମଣ ନାୟକ କମ୍ୟୁନିଟି ହଲ୍‌ରେ ଓଡ଼ିଶା ରାଜ୍ୟ ଅବସରପ୍ରାପ୍ତ କର୍ମଚାରୀ ମହାସଂଘର ଗଞ୍ଜାମ ଜିଲ୍ଲା ଶାଖା ପକ୍ଷରୁ ଏକ କାର୍ଯ୍ୟକାରୀ କମିଟି ବୈଠକ ଅନୁଷ୍ଠିତ ହୋଇଛି। ସଭାପତି ଡି. ମୋହନ ରାଓଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଚଳିତ ମାସ ୧୫ ତାରିଖରେ ସର୍ବଭାରତୀୟ ମହାସଂଘର ଡକରାରେ ହେବାକୁ ଥିବା ପ୍ରତିବାଦ ଦିବସ ପାଳନ ନିମନ୍ତେ ନିଷ୍ପତ୍ତି ହୋଇଛି। ଏହା ସହ କେନ୍ଦ୍ର ତଥା ରାଜ୍ୟ ସରକାର ଦାବି ପୂରଣରେ ଉଦାସିନତା ବିରୁଦ୍ଧରେ ଏକ ଶୋଭାଯାତ୍ରାରେ ଯାଇ ଦକ୍ଷିଣାଞ୍ଚଳ ରାଜସ୍ୱ କମିଶନରଙ୍କ ଜରିଆରେ ପ୍ରଧାନମନ୍ତ୍ରୀଙ୍କୁ ୮ଦଫା ଦାବି ସମ୍ବଳିତ ଦାବିପତ୍ର, ଓଡ଼ିଶାର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ୯ଦଫା ସମ୍ବଳିତ ଦାବିପତ୍ର ଦିଆଯିବ ବୋଲି ନିଷ୍ପତ୍ତି ହୋଇଛି। ନୂଆଦିଲ୍ଲୀର ଯନ୍ତରମନ୍ତରଠାରେ ଏକ ଦିବସୀୟ ଧାରଣା କାର୍ଯ୍ୟକ୍ରମରେ ଗଞ୍ଜାମ ଜିଲ୍ଲାରୁ ଅତିକମ୍‌ରେ ୨୫ଜଣ ଯୋଗଦେବା ବୋଲି କୁହାଯାଇଥିଲା। ସମ୍ପାଦକ ଶଙ୍କର୍ଷଣ ପାତ୍ର ସମ୍ପାଦକୀୟ ବିବରଣୀ ଉପସ୍ଥାପନ କରିଥିଲେ। ବୈଠକରେ ରଙ୍ଗେଇଲୁଣ୍ଡା ବ୍ଲକର ସଭାପତି କେ.କୃଷ୍ଣ ମୂର୍ତ୍ତି, ଉପସଭାପତି ଜେ. ନରେନ୍ଦ୍ର ସେନାପତି, ଉପସଭାପତି ଏଏନଏସ ଗୁପ୍ତା, ଯୁଗ୍ମ ସମ୍ପାଦକ ମହର୍ଷି ଫିଂ, ସହ ସମ୍ପାଦକ ଡି.ଗୁରୁମୂର୍ତ୍ତି ପାତ୍ର, କୋଷାଧ୍ୟକ୍ଷ ନିରାକାର ସାବତଙ୍କ ସମେତ ବହୁ ସଦସ୍ୟ ଉପସ୍ଥିତ ଥିଲେ।

ପୂରଣ ହେବ ଆଶା, ବାସ୍ତବ ରୂପ ନେବ ଗ୍ରେଟର ବ୍ରହ୍ମପୁର

# ସହରରେ ସାମିଲ ହେବ ପାର୍ଶ୍ୱବର୍ତ୍ତୀ ପଞ୍ଚାୟତ

ବ୍ରହ୍ମପୁର,୯।୭(ସମିସ)

ଦୀର୍ଘ ଦିନର ଆଶା ପୂରଣ ହେବ। ସହର ତଳି ପଞ୍ଚାୟତଗୁଡ଼ିକ ସମ୍ପ୍ରତି ମହାନଗର ନିଗମରେ ସାମିଲ ହେବ। ସରକାରଙ୍କ ପକ୍ଷରୁ ଏହି ପ୍ରକ୍ରିୟା ଆରମ୍ଭ ହୋଇଛି। ସମ୍ପ୍ରତି ବ୍ରହ୍ମପୁର ମହାନଗର ନିଗମ(ବିଇଏମ୍‌ସି)ର କାଉନ୍‌ସିଲ ମଧ୍ୟ ଏହାକୁ ସହମତି ପ୍ରଦାନ କରିଛି। ରୂପରେଖ ପ୍ରସ୍ତୁତି ସମେତ ଭୌଗୋଳିକ ବିସ୍ତାର ଆଦି ବିଭିନ୍ନ ସଂକ୍ରାନ୍ତରେ ଆଲୋଚନା କରି ସକାରାତ୍ମକ ବାର୍ତ୍ତା ଦେଇଛି ବ୍ରହ୍ମପୁର ମହାନଗର ନିଗମ। ବୁଧବାର ପୂର୍ବାହ୍ଣରେ ବ୍ରହ୍ମପୁର ମହାନଗର ନିଗମର ସ୍ୱତନ୍ତ୍ର କାଉନସିଲ ବୈଠକ ଅନୁଷ୍ଠିତ ହୋଇଛି। ମେୟର ସଂଘମିତ୍ରା ଦଳେଇଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଡେପୁଟି ମେୟର ଇଂ ବିବେକ ରେଡ୍ଡି, ବିଇଏମ୍‌ସି କମିଶନର ପ୍ରଥମେଶ ଅରବିନ୍ଦ ରାଜର୍ଶିକେ, ଡେପୁଟି କମିଶନର କଲ୍ୟାଣୀ ସଂଘମିତ୍ରା, ଆଶୀର୍ବାଦ ପରିଡ଼ା ପ୍ରମୁଖ ମଞ୍ଚାସୀନ ଥିଲେ। ବୈଠକ ପ୍ରାରମ୍ଭରେ ମେୟର କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଜ୍ଞାପନ କରିଥିବାବେଳେ କମିଶନର ଆଭିମୁଖ୍ୟ ଓ ସହମତି ଭିତ୍ତିରେ ସହରର ବିକାଶ କାର୍ଯ୍ୟ ଆଗେଇ ନେବାକୁ ଆହ୍ୱାନ ଦେଇଥିଲେ। ତତ୍‌ପରେ ବୈଠକର ପ୍ରସଙ୍ଗ ଉପରେ ଆଲୋଚନା ହୋଇଥିଲା। ଗଞ୍ଜାମ ଜିଲ୍ଲାପାଳଙ୍କ ପତ୍ର ପ୍ରକାରେ, ରଙ୍ଗେଇଲୁଣ୍ଡା ବ୍ଲକର ଡୁରା, ଗୋଉଞ୍ଜୁ, ଫୁଲଟା, ସାତକୁଟୁଣୀ, ଭାବିନୀପୁର, ହଳଦିଆପଦର ଓ ବଡ଼ କୁଶସ୍ଥଳି ପଞ୍ଚାୟତର ସେଭେନହିଲସ ଗ୍ରାମ ଏବଂ କୁକୁଡ଼ାଖଣ୍ଡି ପଞ୍ଚାୟତ ସମିତିର ଜଗଦଲପୁର, ଲାଠି, ଅନନ୍ତେଇ, ନିମଖଣ୍ଡି, ଆଙ୍କୁଶପୁର ସମେତ ଦକ୍ଷିଣପୁର ଗ୍ରାମ ପଞ୍ଚାୟତ ବ୍ରହ୍ମପୁର ମହାନଗର ନିଗମରେ ସାମିଲ୍ ହେବାକୁ ରେଜ୍ୟୁଲେସନ ଦାଖଲ କରିଛନ୍ତି। ଏଣୁ ଏ ପ୍ରସଙ୍ଗରେ ବିଇଏମ୍‌ସି ବିଚାର କରିବାକୁ ଜିଲ୍ଲାପାଳ ମତ ଲୋଡ଼ିଥିଲେ। ଏହି କ୍ରମରେ ବ୍ରହ୍ମପୁର ମହାନଗର ନିଗମ କାଉନ୍‌ସିଲ ବୈଠକରେ ଏହା ସହମତି ପ୍ରଦାନ କରାଯାଇଥିଲା। ଏଥିପୂର୍ବରୁ ଲୋଚାପଡ଼ା, ଗୋଳାବନ୍ଧ, ସାନ କୁଶସ୍ଥଳି ଓ ବ୍ରହ୍ମାପଲ୍ଲୀ ପଞ୍ଚାୟତ ମଧ୍ୟ ରେଜ୍ୟୁଲେସନ ପ୍ରଦାନ କରିଥିବା ଏଠାରେ କୁହାଯାଇଥିଲା।



ଗ୍ରେଟର ବ୍ରହ୍ମପୁର ସ୍ୱପ୍ନ ସାକାର କରିବା ଲାଗି ପାର୍ଶ୍ୱବର୍ତ୍ତୀ ପଞ୍ଚାୟତ ବ୍ରହ୍ମପୁର ମହାନଗର ନିଗମରେ ସାମିଲ ହେବା ଜରୁରୀ ବୋଲି ଏଠାରେ ମତପ୍ରକାଶ ପାଇଥିଲା। ଏହି ପଦକ୍ଷେପକୁ କର୍ପୋରେଟରମାନେ ସ୍ୱାଗତ କରିବା ସହ ଭୌଗୋଳିକ ସ୍ଥିତି ଓ ପାରିପାର୍ଶ୍ୱିକ ସ୍ଥିତିକୁ ଅନୁଧ୍ୟାନ କରିବା ଲାଗି ଏକ କମିଟି ଗଠନ କରିବାକୁ କର୍ପୋରେଟର ସଞ୍ଜିତ ପାଣିଗ୍ରାହୀ ମତ ଦେଇଥିଲେ। ଏହିକ୍ରମରେ ଏକ କମିଟି ଗଠନ କରି ଉକ୍ତ ପଞ୍ଚାୟତମାନ ଗସ୍ତ କରିବାକୁ ସର୍ବସମ୍ମତିକ୍ରମେ ଆଗତ ହୋଇଥିଲା। ସେହିଭଳି ପାର୍ଶ୍ୱବର୍ତ୍ତୀ ପଞ୍ଚାୟତମାନ ସାମିଲ ପରେ ଏଗୁଡ଼ିକର ବିକାଶ ପ୍ରତି ବିଇଏମ୍‌ସି ସଦା ଯତ୍ନବାନ ହେବ ବୋଲି ମେୟର ଶ୍ରୀମତୀ ଦଳେଇ କହିବା ସହ ସରକାରଙ୍କଠାରୁ ସହଯୋଗ କାମନା କରିଥିଲେ। ଏହି ପଞ୍ଚାୟତଗୁଡ଼ିକ ବିଇଏମ୍‌ସିରେ ସମ୍ମିଶ୍ରଣ ହେଲେ ସହରର ଭୌଗୋଳିକ ସ୍ଥିତି ବୃଦ୍ଧି ଘଟିବ। ବୃହତ୍ ପ୍ରକଳ୍ପ କାର୍ଯ୍ୟକ୍ଷମ ଲାଗି ଅନେକ ଜାଗା ଓ ସହଯୋଗ ମିଳିବ ବୋଲି ଏଠାରେ ମତପ୍ରକାଶ ପାଇଛି। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ବ୍ରହ୍ମପୁର ବିଧାୟକଙ୍କ ପ୍ରତିନିଧି ଆଶୋକ କୁମାର ଶୁକ୍ଳ, ସାଂସଦଙ୍କ ପ୍ରତିନିଧି ବାଳକୃଷ୍ଣ ସାମନ୍ତରା, ଖଣି ଓ ଇସ୍ପାତ ମନ୍ତ୍ରୀଙ୍କ ପ୍ରତିନିଧି ଶିବ ଶଙ୍କର ନାୟକଙ୍କ ସମେତ କର୍ପୋରେଟର ଓ କିଛି ବିଭାଗର ଅଧିକାରୀ ଉପସ୍ଥିତ ଥିଲେ। ସହର ତଳି ଅଞ୍ଚଳକୁ ବିଇଏମସିରେ ସାମିଲ କରିବା ଲାଗି ସରକାର ଓ ଗଞ୍ଜାମ ପ୍ରଶାସନର ଉଦ୍ୟମକୁ ସହର ତଳି ଅଞ୍ଚଳ ମିଳିତ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ସ୍ୱାଗତ କରାଯାଇଛି।

## ପାର୍ଟ ଟାଇମ୍ ଚାକିରି ନାଁରେ ମହିଳାଙ୍କଠାରୁ ୭.୭୦ ଲକ୍ଷ ଠକେଇ

ବ୍ରହ୍ମପୁର,୯।୭(ସମିସ)

ପାର୍ଟଟାଇମ୍ ଚାକିରି ନାଁରେ ବ୍ରହ୍ମପୁରର ଜଣେ ମହିଳାଙ୍କଠାରୁ ୭ ଲକ୍ଷ ୭୦ ହଜାର ଟଙ୍କା ଠକେଇ ହୋଇଛି। ସାଇବର ଠକମାନେ ତାଙ୍କୁ ଅନ୍‌ଲାଇନ୍‌ରେ ଇନ୍‌ଭେଷ୍ଟ କରି ମୋଟା ଅଙ୍କର କମିଶନ ହାତେଇବାର ଲୋଭ ଦେଖାଇ ସାଇବର ଠକମାନେ ତାଙ୍କଠାରୁ ଉକ୍ତ ଟଙ୍କା ଠକି ନେଇଛନ୍ତି। ଘଟଣାକୁ ନେଇ ମହିଳା ଜଣକ ସାଇବର ଓ ଅର୍ଥନୈତିକ ଅପରାଧ ଥାନାରେ ଅଭିଯୋଗ କରିବା ପରେ ପୁଲିସ ଏକ ମାମଲା(୪୭/୨୫) ରୁଜୁ କରି ତଦନ୍ତ ଆରମ୍ଭ କରିଛି।

ସୂଚନାପ୍ରକାରେ, ବ୍ରହ୍ମପୁରରେ ରହୁଥିବା ଏହି ୩୪ବର୍ଷୀୟ ମହିଳା ଜଣକ ଫେସ୍‌ବୁକ୍, ଇନ୍‌ଷ୍ଟାଗ୍ରାମ୍ ଓ ଟେଲିଗ୍ରାମ୍ ଭଳି ବିଭିନ୍ନ ସାମାଜିକ ଗଣମାଧ୍ୟମରେ ସକ୍ରିୟ ରହିଛନ୍ତି। ସେ ଜଣେ ଗୃହିଣୀ ହୋଇଥିବାରୁ କୌଣସି ପାର୍ଟ ଟାଇମ୍ ଚାକିରି କରି ନିଜ ସମୟ ଅତିବାହିତ କରିବାକୁ ଚିନ୍ତା କରୁଥିଲେ। ଏହି ସମୟରେ ଇନ୍‌ଷ୍ଟାଗ୍ରାମ୍ ଜରିଆରେ ତାଙ୍କ ନିକଟକୁ ଏକ ନୋଟିଫିକେସନ ଆସିଥିଲା। ଘରେ ବସି ଅନ୍‌ଲାଇନ୍‌ରେ ପାର୍ଟ ଟାଇମ ଚାକିରି କରି ହଜାର ହଜାର ଟଙ୍କା ରୋଜଗାର କରିହେବ ବୋଲି ସେଥିରେ ଉଲ୍ଲେଖ କରିଥିଲେ। ମହିଳା ଜଣକ ଉକ୍ତ ଲିଙ୍କ୍‌ରେ କ୍ଲିକ୍ କରି ସବିଶେଷ ପ୍ଲାନ୍ ବିଷୟରେ ଜାଣିବା ପରେ ପାର୍ଟ ଟାଇମ୍ ଚାକିରି କରିବାକୁ ଆଗ୍ରହ ପ୍ରକାଶ କରିଥିଲେ। ସେହିକ୍ରମରେ ଉକ୍ତ କମ୍ପାନୀର ଜଣେ କର୍ମଚାରୀ ମହିଳାଙ୍କୁ ଫୋନ କରି ଏକ ଟେଲିଗ୍ରାମ ଚ୍ୟାନେଲରେ ଯୋଡ଼ି ହେବାକୁ କହିଥିଲେ। ଅନ୍‌ଲାଇନ୍‌ରେ ଏକାଧିକ କାମ ଶେଷ କଲେ ସେହି ବାବଦକୁ ହଜାର ହଜାର ଟଙ୍କା କମିଶନ ମିଳିବ ବୋଲି କୁହାଯାଇଥିଲା। ସେହି କ୍ରମରେ ମହିଳା ଜଣକ ଉକ୍ତ ଟେଲିଗ୍ରାମ୍ ଚ୍ୟାନେଲ୍‌ରେ ଯୋଡ଼ି ହୋଇଥିଲେ। ଉକ୍ତ ଟେଲିଗ୍ରାମ୍ ଚ୍ୟାନେଲର ଆଡ୍‌ମିନ୍ ଥିବା ବ୍ୟକ୍ତିମାନେ ମହିଳାଙ୍କୁ ଅନ୍‌ଲାଇନ୍‌ରେ କିଛି ସହଜ କାମ ଦେଇଥିଲେ ଏବଂ ତାହା ଶେଷ କରିବା ପରେ ତାଙ୍କୁ କମିଶନ ମଧ୍ୟ ମିଳିଥିଲା। କମ୍ପାନୀ ପକ୍ଷରୁ ତାଙ୍କୁ ଅନ୍‌ଲାଇନ୍‌ରେ ଇନ୍‌ଭେଷ୍ଟ କରି ମୋଟା ଅଙ୍କର କମିଶନ ହାତେଇବାକୁ କୁହାଯାଇଥିଲା। ମହିଳା ଜଣକ ସେହି ବ୍ୟକ୍ତିଙ୍କ କଥାରେ ପଡ଼ି ପ୍ରଥମେ କିଛି ଟଙ୍କା ଇନ୍‌ଭେଷ୍ଟ କରିଥିଲେ। କିଛି ଦିନ ପରେ ତାଙ୍କୁ ମୂଳ ଟଙ୍କା ଓ କମିଶନ ମିଶାଇ ମୋଟ୍ ୨୬ ହଜାର ୪୦ ଟଙ୍କା ମିଳିଥିଲା। ଏହି ଟଙ୍କା ଓ କମିଶନ ମିଳିବା ପରେ ମହିଳାଙ୍କ ଲୋଭ ବଢ଼ିଯାଇଥିଲା। ଏପଟେ କମ୍ପାନୀ କର୍ମଚାରୀମାନେ ତାଙ୍କୁ ଅଧିକରୁ ଅଧିକ ଟଙ୍କା ଇନ୍‌ଭେଷ୍ଟ କରି ଲକ୍ଷପତି ହେବାକୁ ପ୍ରବର୍ତ୍ତାଇ ଥିଲେ। ମହିଳା ଜଣକ ବିଭିନ୍ନ ପର୍ଯ୍ୟାୟରେ ୭ଲକ୍ଷ ୭୦ହଜାର ୧୬୧ଟଙ୍କା ଇନ୍‌ଭେଷ୍ଟ କରିଥିଲେ। ହେଲେ ମହିଳା ଜଣଙ୍କ ଯେତେବେଳେ ନିଜ ଟଙ୍କା ଓ କମିଶନ ଉଠାଣ ପାଇଁ ଚେଷ୍ଟା କରିଥିଲେ ତାହା ସମ୍ଭବ ହୋଇନଥିଲା। ଏନେଇ ସେ କମ୍ପାନୀର କର୍ମଚାରୀଙ୍କୁ ଯୋଗାଯୋଗ କରିବାକୁ ଚେଷ୍ଟା କରି ବିଫଳ ହୋଇଥିଲେ। ନିଜ ଟଙ୍କା ଉଠାଇ ପାରୁନଥିବା ବେଳେ କମ୍ପାନୀର କୌଣସି କର୍ମଚାରୀ ତାଙ୍କୁ ଧରାଛୁଆଁ ଦେଇନଥିଲେ। ଏହାପରେ ମହିଳା ଜଣଙ୍କ ସାଇବର ଠକେଇର ଶିକାର ହୋଇଥିବା ଜାଣିବାକୁ ପାଇଥିଲେ। ଶେଷରେ ଅନ୍ୟ ଉପାୟ ନ ପାଇ ସାଇବର ଥାନାକୁ ଯାଇ ଅଭିଯୋଗ କରିଥିଲେ।

## ମୁକୁଳା ଡ୍ରେନ୍‌ରେ ପଡ଼ି ମୃତ ଅଧ୍ୟାପକଙ୍କ ପରିବାରକୁ ମିଳୁନି କ୍ଷତିପୂରଣ

- ଦାୟିତ୍ୱ ହସ୍ତାନ୍ତର କରି ନିଜ ଉପରୁ ଦୋଷ ଛଡ଼ାଇବାକୁ ଉଦ୍ୟମ କରୁଛନ୍ତି ଏକାଧିକ ବିଭାଗ
- ମୃତକଙ୍କ ଅନୁକମ୍ପା ରାଶି ବୃଦ୍ଧି କରିଥିବା ରାଜ୍ୟ ସରକାରଙ୍କ ଏ କ୍ଷେତ୍ରରେ ପଞ୍ଚଘୁଞ୍ଚା କାହିଁକି?

ବ୍ରହ୍ମପୁର,୯।୭(ସମିସ): ପ୍ରାକୃତିକ ବିପର୍ଯ୍ୟୟ ବା କୌଣସି କାରଣରୁ ଅକାଳରେ ପ୍ରାଣ ହରାଉଥିବା ବ୍ୟକ୍ତିଙ୍କୁ ସରକାରୀ ଭାବେ ଅନୁକମ୍ପାମୂଳକ କ୍ଷତିପୂରଣ ଦେବାର ବିଧି ରହିଛି। ତେବେ ଏ କ୍ଷେତ୍ରରେ ବ୍ରହ୍ମପୁରରେ ବ୍ୟତିକ୍ରମ ହୋଇଥିବା ଦେଖିବାକୁ ମିଳିଛି। ମୁକୁଳା ଡ୍ରେନ୍‌ରେ ଭାସି ନିକଟ ଅତୀତରେ ଜଣେ ନାବାଳକ ସାଇରାମଙ୍କ ମୃତ୍ୟୁ ପରେ ସମଗ୍ର ରାଜ୍ୟରେ ଆଲୋଡ଼ନ ସୃଷ୍ଟି ହୋଇଥିଲା। ପରବର୍ତ୍ତି ସମୟରେ ମୃତ ଛାତ୍ର ସାଇରାମଙ୍କ ପରିବାରକୁ ଜିଲ୍ଲା ପ୍ରଶାସନ ଓ ବ୍ରହ୍ମପୁର ମହାନଗର ନିଗମ ପକ୍ଷରୁ ଲକ୍ଷାଧିକ ଟଙ୍କାର ଅନୁକମ୍ପାମୂଳକ ଆର୍ଥିକ ସହାୟତା ପ୍ରଦାନ କରାଯାଇଥିଲା। ଯଦିଓ ଏହି ଅର୍ଥରାଶି ସମୁଦ୍ରକୁ ଶଙ୍ଖେ ସଦୃଶ; ତେବେ ଏଭଳି ଆଉ ଏକ ଘଟଣା ନିକଟରେ ଘଟିଯାଇଥିଲେ ହେଁ ଏହାକୁ ସରକାରୀସ୍ତରରେ ଅଣଦେଖା କରାଯାଉଥିବା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି। ଗତ ଜୁନ୍ ୨୫ ତାରିଖରେ ସହରରେ ପ୍ରବଳ ବର୍ଷା ହେଉଥିବାବେଳେ ବାଇକ୍ ସହିତ ଜନୈକ ଅଧ୍ୟାପକ ତଥା ଖାରବେଳନଗର ନିବାସୀ ମହେନ୍ଦ୍ର ପାଣିଗ୍ରାହୀ ମୁକୁଳା ଡ୍ରେନ୍‌ରେ ଭାସି ପ୍ରାଣ ହରାଇଥିଲେ। ଏଭଳି ଘଟଣାକୁ ନେଇ ସମଗ୍ର ସହରରେ ଚର୍ଚ୍ଚା ହୋଇଥିଲେ ହେଁ ମୃତକଙ୍କୁ ଆଜି ପର୍ଯ୍ୟନ୍ତ କୌଣସି ସରକାରୀ ସହାୟତା ମିଳି ନ ଥିବା ଜଣାପଡ଼ିଛି। ଘଟଣା ପରେ ନିଜ ଉପରୁ ଦୋଷ ଛଡ଼ାଇବାକୁ ଯାଇ ଡ୍ରେନେଜ୍ ବିଭାଗ, ପୂର୍ତ୍ତବିଭାଗ ଓ ବ୍ରହ୍ମପୁର ମହାନଗର ନିଗମ ପରସ୍ପରକୁ ଅଙ୍ଗୁଳି ନିର୍ଦ୍ଦେଶ କରିଥିଲେ। ତେବେ ଉକ୍ତ ବିପଦସଙ୍କୁଳ ନାଳ ଯାହାର ହେଉନା କାହିଁକି ରାଜ୍ୟ ସରକାର ଅଥବା ଜିଲ୍ଲା ପ୍ରଶାସନ ପକ୍ଷରୁ ମୃତକ ମହେନ୍ଦ୍ର ପାଣିଗ୍ରାହୀଙ୍କ ପରିବାରକୁ କୌଣସି ପ୍ରକାରର ଆର୍ଥିକ ସହାୟତା ଯୋଗାଇବା ତ ଦୂରର କଥା ତାଙ୍କ ପରିବାର ନିକଟରେ ସମବେଦନା ଜଣାଇବା ପାଇଁ ମଧ୍ୟ କେହି ପହଞ୍ଚି ନ ଥିବା ଜଣାପଡ଼ିଛି। ଏଭଳି ପରିସ୍ଥିତିରେ ମୁକୁଳା ଡ୍ରେନ୍ ପାଇଁ କାହାକୁ ଉତ୍ତରଦାୟୀ କରାଗଲା ଅଥବା ଦୋଷୀଙ୍କ ବିରୁଦ୍ଧରେ କି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଗଲା ତାହା ଆଜି ପର୍ଯ୍ୟନ୍ତ ସ୍ପଷ୍ଟ ହୋଇପାରିଲା ନାହିଁ। ସେପଟେ ଡ୍ରେନ୍‌ରେ ଭାସି ମୃତକ ଅଧ୍ୟାପକ ମହେନ୍ଦ୍ର ପାଣିଗ୍ରାହୀଙ୍କ ପରିବାରକୁ ସରକାରୀ ସହାୟତା କେବେ ଓ କିଏ ଦେବ ତାକୁ ନେଇ ଉଠିଛି ପ୍ରଶ୍ନ।

## ସର୍ବଭାରତୀୟ ସାଧାରଣ ଧର୍ମଘଟ ବ୍ରହ୍ମପୁରରେ ଆଂଶିକ ପ୍ରଭାବ




ବ୍ରହ୍ମପୁର,୯।୭(ସମିସ): କେନ୍ଦ୍ରୀୟ ଶ୍ରମିକ ସଂଗଠନ ପକ୍ଷରୁ ବୁଧବାର ସର୍ବ ଭାରତୀୟ ସାଧାରଣ ଧର୍ମଘଟ କରାଯାଇଛି। ଶ୍ରମିକ ବିରୋଧୀ ଶ୍ରମ କୋଡ୍ ବାତିଲ କର, ଚାଷୀ ଫସଲର ଲାଭଜନକ ଦର ପାଇଁ ଆଇନ ପ୍ରଣୟନ, ଦର ହ୍ରାସ, ସରକାରୀ ସମ୍ପତ୍ତି ବିକ୍ରି ବନ୍ଦ, ଖାଲି ପଦ ପୂରଣ କରି ନିଯୁକ୍ତି ଦିଅ ସମେତ ୧୭ଦଫା ଦାବିରେ କେନ୍ଦ୍ରୀୟ ଶ୍ରମିକ ସଂଗଠନଗୁଡ଼ିକ ପକ୍ଷରୁ ଦେଶବ୍ୟାପୀ ଧର୍ମଘଟ ଡକରା ଦିଆଯାଇଛି। ସେହିପରି ବ୍ରହ୍ମପୁରରେ ମଧ୍ୟ ସିଆଇଟିୟୁ, ଏଆଇଟିୟୁସି, ଆଇଏନ୍‌ଟିୟୁସି ଓ ଏଆଇୟୁଟିୟୁସି ପକ୍ଷରୁ ଏହି ଧର୍ମଘଟ ଡକରା ଦିଆଯାଇଥିଲା। ଫଳରେ ସହରର ବିଭିନ୍ନ ଦୋକାନ ବଜାର, ବ୍ୟାଙ୍କ ଓ ବସ ଚଳାଚଳ ବନ୍ଦ ରହିଥିଲା। ଏହାଦ୍ୱାରା ଯାତ୍ରୀମାନେ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହୋଇଥିବା ଦେଖିବାକୁ ମିଳିଛି। ଏହାକୁ ବହୁ ସଂଗଠନ ପକ୍ଷରୁ ମଧ୍ୟ ସମର୍ଥନ ଜଣାଇଥିବା ଦେଖିବାକୁ ମିଳିଛି। ସେହିଭଳି ଧର୍ମଘଟକୁ ସମର୍ଥନ ଜଣାଇ ସିପିଏମ୍, ସିପିଆଇ ଓ କଂଗ୍ରେସ ଦଳ ପକ୍ଷରୁ ରେଳ ଷ୍ଟେସନଠାରେ ଏକ ସଂହତି ସଭା ଆୟୋଜିତ କରି ଧର୍ମଘଟକୁ ସମର୍ଥନ କରିବା ପାଇଁ ସହରବାସୀଙ୍କୁ ନିବେଦନ କରିଥିଲେ। ଧର୍ମଘଟରେ ସିଆଇଟିୟୁର ଯୁଧିଷ୍ଠିର ବେହେରା, ପ୍ରତାପ ଚୌଧୁରୀ, ଶିବ ପ୍ରସାଦ ମହାପାତ୍ର, ଗୋପାଳ ପାଣିଗ୍ରାହୀ ଏଆଇଟିୟୁସିର ପ୍ରଦୀପ ସେଠୀ, କାମଦେବ ନାହାକ, ପ୍ରଫୁଲ୍ଲ ଜେନା, ରୋହିତ ବିଶୋଇ, ଆଇଏନ୍‌ଟିୟୁସିର ଭୋକାଲି ସେଠୀ, ଆଇଏନ୍‌ଟିୟୁସିର ସୋମନାଥ ବେହେରା, ପପୁନ ସାହୁ, ସୁବୋଧ ସାହୁ, ମଧୁ ବେହେରା, ସିପିଏମ୍‌ର ବରିଷ୍ଠ ନେତା ଅଳି କିଶୋର ପଟ୍ଟନାୟକ, ସିପିଆଇର ପ୍ରଦୀପ ସେଠୀ, କଂଗ୍ରେସର ଭୋକାଲି ସେଠୀ ସମେତ ଗୋକୁଳ ତ୍ରିପାଠୀ, ଆଦିତ୍ୟ ତ୍ରିପାଠୀ, ବାବୁଲା ନାୟକ, ହରି ନାହାକ, ଚିଟିବାବୁ ପ୍ରମୁଖ ଉପସ୍ଥିତ ଥିଲେ।

## ଜମି ବିକ୍ରି ନାଁରେ ୭ଲକ୍ଷ ଠକେଇ; ଦମ୍ପତି ଗିରଫ

ବ୍ରହ୍ମପୁର,୯।୭(ସମିସ): ଜମି ବିକ୍ରି ଆଳରେ ୭ଲକ୍ଷ ଟଙ୍କା ଠକେଇ ଅଭିଯୋଗରେ ବୈଦ୍ୟନାଥପୁର ଥାନା ପୁଲିସ ଦମ୍ପତିଙ୍କୁ ଗିରଫ କରିଛି। ସେମାନେ ହେଲେ ଗେଟ୍‌ବଜାର କେନାଲ ସାହି ନିବାସୀ ତଥା ବର୍ତ୍ତମାନ ହାତୀବନ୍ଧ ସାହିରେ ରହୁଥିବା ଡମ୍ବରୁ ବେହେରା(୪୫) ଓ ତାଙ୍କ ସ୍ତ୍ରୀ ନମିତା ବେହେରା(୩୮)। ସୂଚନାଯୋଗ୍ୟ ଯେ, ଚନ୍ଦ୍ରପ୍ରଭା ସାହିରେ ରିତା ପାଢ଼ୀ ଓ ତାଙ୍କ ପରିବାର ରହୁଥିଲେ। ଗତ କିଛି ବର୍ଷ ପୂର୍ବେ ସେ ଏକ ଜାଗା କିଣିବାକୁ ଇଚ୍ଛା ପ୍ରକାଶ କରି ଡମ୍ବରୁ ବେହେରା ଓ ତାଙ୍କ ସ୍ତ୍ରୀ ନମିତାଙ୍କ ସହ ଯୋଗାଯୋଗ କରିଥିଲେ। ସମ୍ପୃକ୍ତ ଦମ୍ପତି ଫାଷ୍ଟଗେଟ୍ ନିକଟରେ ୯୦୦ ବର୍ଗଫୁଟ୍‌ର ଏକ ଜାଗାକୁ ବିକ୍ରି କରିବା ଆଳରେ





ରିତା ପାଢ଼ୀଙ୍କଠାରୁ ନଗଦ ୭ଲକ୍ଷ ଟଙ୍କା ନେଇଥିଲେ। ଏହା ପରଠୁ ସେମାନେ ଆଉ ଯୋଗାଯୋଗ ରଖିଲେ ନାହିଁ। ଟଙ୍କା ଫେରାଇଲେ ନାହିଁ କି ଜମି ଦେଲେ ନାହିଁ। ବାରମ୍ବାର ଟଙ୍କା ମାଗି ବିଫଳ ହେବା ପରେ ରିତା ଏନେଇ ୨୦୨୩ ଫେବୃଆରୀ ୨୫ ତାରିଖରେ ବୈଦ୍ୟନାଥପୁର ଥାନାର ଦ୍ୱାରସ୍ଥ ହୋଇଥିଲେ। ପରେ ପୁଲିସ ସମ୍ପୃକ୍ତ ଦାମ୍ପତିଙ୍କୁ ଥାନାକୁ ଡାକିବା ପରେ ଦମ୍ପତି ସମସ୍ତ ଟଙ୍କା ଦେବାକୁ ରାଜି ହୋଇଥିଲେ। ନଗଦ ୩ଲକ୍ଷ ଟଙ୍କା ମାସକ ଭିତରେ ଦେବେ ଏବଂ ୪ଲକ୍ଷ ୬୪ ହଜାର ଟଙ୍କା ମାସକୁ ୭ହଜାର ଲେଖାଏଁ କରି ୬୩ ମାସ ଭିତରେ ପରିଶୋଧ କରିବେ। ସେ ୭ହଜାର ଲେଖାଏଁ ୧୫ମାସ ଦେବା ପରେ ଆଉ ଟଙ୍କା ଦେଇନଥିଲେ। ପୁଣି ରିତା ଗତ ଜୁନ୍ ୨୮ ତାରିଖରେ ବୈଦ୍ୟନାଥପୁର ଥାନାରେ ଏନେଇ ଅଭିଯୋଗ କରିବା ପରେ ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ କରି ବୁଧବାର ନମିତା ଓ ଡମ୍ବରୁଙ୍କୁ ହାତୀବନ୍ଧ ସାହି ଭଡ଼ା ଘରୁ ଗିରଫ କରିଥିବା ଜଣାପଡ଼ିଛି।

# ଜରାଜୀର୍ଣ୍ଣ ଅବସ୍ଥାରେ ବ୍ରହ୍ମପୁର ଟାଉନ୍ ଥାନା

ବ୍ରହ୍ମପୁର,୯।୭(ସମିସ)





ଜରାଜୀର୍ଣ୍ଣ ଅବସ୍ଥାରେ ବ୍ରହ୍ମପୁର ଟାଉନ୍ ଥାନା। କୋଠା କାନ୍ଥରୁ ପାଣି ଝରୁଛି, ସାଜାଗୁଡ଼ିକ ଫାଟି ଆଁ କଲାଣି। ୧୮ ବର୍ଷରେ କୋଠାଟି ଧରାଶାୟୀ ହୋଇଛି। ବର୍ତ୍ତମାନ ଏହି ଥାନା କୋଠା ଜରାଜୀର୍ଣ୍ଣ ଅବସ୍ଥାରେ ରହିଛି। ଜରାଜୀର୍ଣ୍ଣ କୋଠାରେ ଅସୁରକ୍ଷିତ ରହି ଲୋକଙ୍କୁ ସୁରକ୍ଷା ଯୋଗାଉଛନ୍ତି ପୁଲିସ ଅଧିକାରୀ ଓ କର୍ମଚାରୀ। ବୁଧବାର ଥାନା କାନ୍ଥରୁ ପଲସ୍ତରା ଖସିପଡ଼ିଥିବାବେଳେ ଏଥିରେ କେହି ଆହତ ହୋଇ ନ ଥିବା ଜଣାପଡ଼ିଛି।

ରେଶମ ନଗରୀରେ ଶାନ୍ତିଶୃଙ୍ଖଳା ବଜାୟରଖିବା ପାଇଁ ଏହି ଥାନା ପ୍ରମୁଖ ଭୂମିକା ଗ୍ରହଣ କରୁଛି। ହେଲେ ମାମଲାରେ ଗିରଫ ଅଭିଯୁକ୍ତଙ୍କୁ ଆଣିଲେ ରଖିବା ପାଇଁ ହାଜତ ନାହିଁ। ହାଜତର ଅବସ୍ଥା ସମ୍ପୂର୍ଣ୍ଣ ଖରାପ। ଥାନାର ନୂତନ କୋଠା ନିର୍ମାଣ କିମ୍ବା ଥାନାକୁ ସ୍ଥାନାନ୍ତର କରାନଗଲେ ବଡ଼ଧରଣର ଅଘଟଣ ଘଟିବା ଆଶଙ୍କା ରହିଛି। ନୂତନ କୋଠା ପାଇଁ ବ୍ୟୟ ଅଟକଳ ହୋଇ ବିଭାଗରୁ ପଠାଯାଇଛି। ଗ୍ରୀନ୍ ସିଗ୍‌ନାଲ୍ ଆସିଲେ ନୂତନ ମଡେଲ୍‌ରେ କୋଠା ନିର୍ମାଣ ହେବ ବୋଲି ପୁଲିସ ପକ୍ଷରୁ କୁହାଯାଇଛି। ଅପରପକ୍ଷେ ଲୋକଙ୍କ ସୁରକ୍ଷା ଓ ସମାଜରେ ଶାନ୍ତି ପ୍ରତିଷ୍ଠା ଦିଗରେ ପୁଲିସର ଭୂମିକା ଗୁରୁତ୍ୱପୂର୍ଣ୍ଣ। ସମାନ ଭାବରେ ଏହାର ସୁପରିଚାଳନା ପାଇଁ ଉତ୍ତମ ଭିତ୍ତିଭୂମି ମଧ୍ୟ ଆବଶ୍ୟକତା ରହିଛି। ବ୍ରହ୍ମପୁର ପୁଲିସ ଜିଲ୍ଲାରେ ଶାନ୍ତିଶୃଙ୍ଖଳା ପରିଚାଳନା ୧୨ଟି ଥାନା ରହିଛି। ସେଥିମଧ୍ୟରେ ସହରରେ ୫ଟି ଥାନା ରହିଛି। ସହରରେ ଥିବା ଗୋଷାଣୀନୂଆଗାଁ, ବୈଦ୍ୟନାଥପୁର, ବଡ଼ବଜାର, ମହିଳା ଥାନାର ନୂତନ କୋଠା ନିର୍ମାଣ ହୋଇଛି। ସେହିପରି ଗୋପାଳପୁର, ସଦର ଥାନାର ନୂତନ କୋଠା ନିର୍ମାଣ ହୋଇଛି। ନିମଖଣ୍ଡିକୁ ନୂତନ ଥାନା ଭାବେ ଘୋଷଣା କରାଯାଇଥିବା ବେଳେ ଏହାର ସ୍ଥାୟୀ କୋଠା ନିର୍ମାଣ ପାଇଁ ଜାଗା ଚିହ୍ନଟ ଚାଲିଛି। ଅନ୍ୟପଟେ ସହରର ପ୍ରମୁଖ ଓ ପୁରାତନ ଟାଉନଥାନା ସରକାରଙ୍କ ଦୃଷ୍ଟି ଆଢୁଆଳରେ ରହିଛି। ବ୍ରହ୍ମପୁର ମହାନଗର ନିଗମ କାର୍ଯ୍ୟାଳୟ ଠାରୁ ଆରମ୍ଭ କରି ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟ, ଶଶିଭୂଷଣ ମହିଳା ସ୍ୱୟଂଶାସିତ ମହାବିଦ୍ୟାଳୟ, ଜିଲ୍ଲା ମୁଖ୍ୟ ଡାକଘର, ସିଟି ହସ୍ପିଟାଲ, ଶ୍ରମ କାର୍ଯ୍ୟାଳୟ, ଅନ୍ନପୂର୍ଣ୍ଣା ବଜାର, ଗିରି ମାର୍କେଟ ହନୁମାନ ବଜାର ଆଦି ଅଞ୍ଚଳ ଏହି ଥାନା ଅଧୀନରେ ଆସୁଛି।

ଅନେକ ସମୟରେ ଏହି ଅଞ୍ଚଳରେ ବିଭିନ୍ନ ଧାରଣା, ବିକ୍ଷୋଭ ସମେତ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥାଏ। ଏହାର ସୁପରିଚାଳନା ପାଇଁ ଉତ୍ତମ ଭିତ୍ତିଭୂମିର ଆବଶ୍ୟକତା ରହିଛି। ବର୍ତ୍ତମାନ ଥାନାଟି ଦୟନୀୟ ଅବସ୍ଥାରେ ରହିଛି। ବହୁ ପୁରାତନ ଏହି ଥାନାଟି ୨୦୦୬ ଅଗଷ୍ଟ ୧୫ ତାରିଖରେ ନୂତନ କୋଠାକୁ ସ୍ଥାନାନ୍ତରିତ ହୋଇଥିଲା। ବର୍ତ୍ତମାନ ସେହି କୋଠାର ଅବସ୍ଥା ଶୋଚନୀୟ ହୋଇରହିଛି। ଅଧିକାରୀ ଓ କର୍ମଚାରୀଙ୍କ ପାଇଁ ଆବଶ୍ୟକ ପ୍ରକୋଷ୍ଠ ନାହିଁ। ଥାନା ଅଧିକାରୀଙ୍କ ପ୍ରକୋଷ୍ଠଟି ଭଲ ରହିଛି। ଅନ୍ୟପଟେ ଡିସିଓ, ରାଇଟର ପ୍ରକୋଷ୍ଠ ସମେତ ହାଜତ ଅବସ୍ଥା କହିଲେ ନସରେ। ବର୍ଷା ହେଲେ କାନ୍ଥରୁ ପାଣି ଝରୁଛି। ବର୍ଷ ତମାମ ଥାନା କାନ୍ଥରେ ଶିଉଳି ପଡି ରହୁଛି। ସାଜା ଗୁଡିକ କେତେ ବେଳେ ଯେ କାହା ଉପରେ ଭାଙ୍ଗି ପଡିବ ତାହାର କିଛି ଭରସା ନାହିଁ। ଥାନା ଭିତରେ ପୁଲିସ ବାବୁଙ୍କ ସମେତ ଅଭିଯୁକ୍ତ ସଭିଏଁ ଭୟରେ ରହୁଛନ୍ତି। ଟାଉନ୍ ଥାନ ନବୀକରଣ ପାଇଁ ଏପ୍ରିଲ୍ ମାସରେ ବିଭାଗକୁ ଚିଠି କରାଯାଇଛି। ନୂତନ କୋଠା ପାଇଁ ୨କୋଟି ଟଙ୍କାର ବ୍ୟୟ ଅଟକଳ କରାଯାଇଛି। ଏହା ସହ ନିମଖଣ୍ଡି ଥାନାର କୋଠା ନିର୍ମାଣ ସମେତ ବିଭିନ୍ନ ଥାନା ଓ ପୁଲିସ୍ କ୍ୱାର୍ଟର୍ସଗୁଡ଼ିକର ରକ୍ଷଣାବେକ୍ଷଣ ପାଇଁ ମୋଟ୍ ୫କୋଟି ଟଙ୍କାର ବ୍ୟୟଅଟକଳ ବିଭାଗକୁ ପ୍ରଦାନ କରାଯାଇଛି। ସରକାର ଓ ରାଜ୍ୟ ମୁଖ୍ୟାଳୟରୁ ଅନୁମୋଦନ ସହ ଅର୍ଥ ପ୍ରଦାନ କରାଗଲେ କାମ ଆରମ୍ଭ ହେବ ବୋଲି ସୂଚନା ମିଳିଛି।

SBI

ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ
କେନ୍ଦ୍ରୀୟ ନିଯୁକ୍ତି ଏବଂ ପଦୋନ୍ନତି ବିଭାଗ,
କର୍ପୋରେଟ୍ କେନ୍ଦ୍ର, ମୁମ୍ବାଇ
ଫୋନ୍: 022-22820427

ପ୍ରୋବେସନାରୀ ଅଫିସରମାନଙ୍କ ନିଯୁକ୍ତି

ଷ୍ଟେଟ ବ୍ୟାଙ୍କ ଅଫ୍ ଇଣ୍ଡିଆରେ ପ୍ରୋବେସନାରୀ ଅଫିସର ଭାବରେ ନିଯୁକ୍ତି ପାଇଁ ଯୋଗ୍ୟ ଭାରତୀୟ ନାଗରିକମାନଙ୍କ ଠାରୁ ଆବେଦନଗୁଡିକ ଆମନ୍ତ୍ରଣ କରାଯାଉଛି

ଖାଲି ପଦବୀ ସଂଖ୍ୟା: 541

ଯୋଗ୍ୟତା ମାନଦଣ୍ଡ (ବୟସ, ଯୋଗ୍ୟତା ଇତ୍ୟାଦି), ଆବଶ୍ୟକ ଫିସ୍ ଏବଂ ଅନ୍ୟାନ୍ୟ ବିବରଣୀ ସହିତ ଅନଲାଇନ୍ ଆବେଦନ ଦାଖଲ ଓ ଆବେଦନ ଫିସ୍ ର ଅନଲାଇନ୍ ଦେୟ ପାଇଁ ଲିଙ୍କ୍, ବ୍ୟାଙ୍କର ୱେବସାଇଟ https://bank.sbi/careers/current-openings ରେ ବିଜ୍ଞାପନ ନମ୍ବର CRPD/PO/2025-26/04 ଅଧୀନରେ ଉପଲବ୍ଧ । ପ୍ରାର୍ଥୀମାନେ ଆବେଦନ କରିବା ଏବଂ ଫିସ୍ ପଠାଇବା ପୂର୍ବରୁ ସେମାନଙ୍କର ଯୋଗ୍ୟତା ଏବଂ ଅନ୍ୟାନ୍ୟ ବିବରଣୀ ବିଷୟରେ ସୁନିଶ୍ଚିତ ହୋଇ ସବିଶେଷ ବିଜ୍ଞାପନକୁ ଭଲ ଭାବେ ପଢ଼ିବା ପାଇଁ ପରାମର୍ଶ ଦିଆଯାଉଛି ।

- ଅନଲାଇନ୍ ଆବେଦନ ଏବଂ ଫିସ୍ ଦେୟ ପାଇଁ ତାରିଖ: 24.06.2025 ରୁ 14.07.2025 ପର୍ଯ୍ୟନ୍ତ ।

ଯେକୌଣସି ପ୍ରଶ୍ନ ପାଇଁ ଦୟାକରି ଏହି ଲିଙ୍କ୍ ମାଧ୍ୟମରେ ଆମକୁ ଲେଖନ୍ତୁ: "CONTACT US" ଉପରୋକ୍ତ ବ୍ୟାଙ୍କର ଅଫିସିଆଲ୍ ୱେବସାଇଟରେ ଉପଲବ୍ଧ ।

ସ୍ଥାନ: ମୁମ୍ବାଇ
ତାରିଖ: 24.06.2025

ମହା ପ୍ରବନ୍ଧକ (ଆର୍‌ପି ଏବଂ ପିଏମ୍)

## ଶିକ୍ଷକ ନିଯୁକ୍ତି ସହ ସ୍ୱାସ୍ଥ୍ୟକେନ୍ଦ୍ର ରାସ୍ତା ମରାମତି

କାଶୀନଗର, ୯।୭ (ସମିସ): ଗଜପତି ଜିଲ୍ଲା କାଶୀନଗର ବ୍ଲକ ଅଲଡ଼ା ଓ ହାଡୁଭାଙ୍ଗି ପଞ୍ଚାୟତରେ ଶିକ୍ଷା ଓ ସ୍ୱାସ୍ଥ୍ୟ ସମସ୍ୟାକୁ ନେଇ ରବିବାର ଓ ସୋମବାର "ସକାଳ'ରେ ଖବର ପ୍ରକାଶିତ ହୋଇଥିଲା। ପରବର୍ତ୍ତୀ ସମୟରେ ଦୁଇ ପଞ୍ଚାୟତରେ ଜିଲ୍ଲା ଓ ସ୍ଥାନୀୟ ପ୍ରଶାସନ ପକ୍ଷରୁ ସଙ୍ଗେ ସଙ୍ଗେ ପଦକ୍ଷେପ ଗ୍ରହଣ କରିଥିବା ଦେଖିବାକୁ ମିଳିଛି।

ସୂଚନା ମୁତାବକ, ଅଲଡ଼ା ପଞ୍ଚାୟତ ଲେନ୍ତାଗୁଡ଼ା ବିଦ୍ୟାଳୟର ଶିକ୍ଷକ ଅଭାବ ଥିବା ନେଇ ଗ୍ରାମବାସୀ ମାସ ମାସ ଧରି ଅଭିଯୋଗ କରିବା ସହ ସମସ୍ତ ସରକାରୀ ଅଧିକାରୀଙ୍କୁ ଲିଖିତ ଅବଗତ କରିଥିଲେ। ହେଲେ କୌଣସି ପଦକ୍ଷେପ ନିଆଯାଇ ନ ଥିବା ଯୋଗୁଁ ଗତ ସୋମବାର ଉକ୍ତ ଗ୍ରାମବାସୀ ବିଦ୍ୟାଳୟର ତାଲା ପକାଇ ଆନ୍ଦୋଳନ କରିଥିଲେ। ସେହିପରି ହାଡୁଭାଙ୍ଗି ପଞ୍ଚାୟତ ତଥା ଉକ୍ତ ଗ୍ରାମରେ ଥିବା ସ୍ୱାସ୍ଥ୍ୟକେନ୍ଦ୍ରକୁ ସଂଯୋଗ ହୋଇଥିବା ରାସ୍ତା ଅବ୍ୟବସ୍ଥାରେ ରହିଥିବା ନେଇ ସ୍ଥାନୀୟ ଲୋକେ ବାରମ୍ବାର ଅଭିଯୋଗ କରିଥିଲେ। ହେଲେ କୌଣସି ପଦକ୍ଷେପ ଗ୍ରହଣ କରାଯାଇ ନ ଥିବା ଯୋଗୁଁ ଉକ୍ତ ପଞ୍ଚାୟତବାସୀ ଅସନ୍ତୋଷ ପ୍ରକାଶ କରିଥିଲେ। ଦୁଇ ପଞ୍ଚାୟତର ଅସୁବିଧା ତଥା ଲୋକଙ୍କ ଅଭିଯୋଗକୁ ନେଇ "ସକାଳ'ରେ ଉକ୍ତ ସମସ୍ୟା ବିଷୟରେ ଖବର ପ୍ରକାଶିତ ହୋଇଥିଲା। ପରେ ସ୍ଥାନୀୟ ପ୍ରଶାସନ ଓ ଜିଲ୍ଲା ପ୍ରଶାସନ ପକ୍ଷରୁ ଉକ୍ତ ବିଦ୍ୟାଳୟରେ ଦୁଇ ଶିକ୍ଷକଙ୍କୁ ନିଯୁକ୍ତି କରାଯିବା ସହ ସ୍ୱାସ୍ଥ୍ୟକେନ୍ଦ୍ରକୁ ସଂଯୋଗ ହୋଇଥିବା ରାସ୍ତାର ମରାମତି କରାଯାଇଛି। ସ୍ୱାସ୍ଥ୍ୟ କେନ୍ଦ୍ରକୁ ସଂଯୋଗ ରାସ୍ତାକୁ ସ୍ଥାନୀୟ କିଛି କାଜୁ ବେପାରୀ କାଜୁ ଫ୍ୟାକ୍ଟ୍ରିର ଅନାବଶ୍ୟକ ବସ୍ତୁ, କାଜୁ ଚୋପା ଓ ପ୍ରଦୂଷିତ ପାଣି ଛାଡ଼ି ଦେଇଥିବା ଯୋଗୁଁ ଉକ୍ତ ରାସ୍ତା ଅବ୍ୟବସ୍ଥା ପରସ୍ଥିତି ଉପୁଜିଥିବା ଅଭିଯୋଗ ହୋଇଛି। ଏନେଇ ପ୍ରଶାସନ ଆଗାମୀ ଦିନରେ ଏଭଳି ଦୂଷିତ କଲେ ସେମାନଙ୍କ ପ୍ରତି ଆଇନ ଅନୁଯାୟୀ ପଦକ୍ଷେପ ଗ୍ରହଣ କରିବା ବୋଲି ଚେତାବନୀ ଦିଆଯାଇଥିବା ଜଣାପଡ଼ିଛି। ବର୍ତ୍ତମାନ ପ୍ରଶାସନ ଉକ୍ତ ସମସ୍ୟାର ସମାଧାନ କରିଥିବା ଯୋଗୁଁ ସ୍ଥାନୀୟ ଜନସାଧାରଣ ସନ୍ତୋଷ ପ୍ରକାଶ କରିବା ସହ "ସକାଳ' ଖବରକାଗଜକୁ ଧନ୍ୟବାଦ ଜଣାଇଛନ୍ତି।



'ସକାଳ'ର ପ୍ରଭାବ

### କାଶୀନଗର ପଞ୍ଚାୟତ ସମିତିର ଏକାଦଶ ସାଧାରଣ ବୈଠକ

# ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଖାଲି ପଡ଼ିଥିବା ପଦ ପୂରଣ ଦାବି

କାଶୀନଗର, ୯।୭ (ସମିସ): ଗଜପତି ଜିଲ୍ଲା କାଶୀନଗର ପଞ୍ଚାୟତ ସମିତିର ଏକାଦଶ ସାଧାରଣ ବୈଠକ ଅନୁଷ୍ଠିତ ହୋଇଥିଲା। ସମିତି କାର୍ଯ୍ୟାଳୟର ସଦଭାବନା ଗୃହରେ ଅନୁଷ୍ଠିତ ବୈଠକରେ ଅଧକ୍ଷା ବି.ସାୟାମ୍ମା ସଭାପତିତ୍ୱ କରିଥିବାବେଳେ ପାରଳାଖେମୁଣ୍ଡି ବିଧାୟକ ରୂପେଶ ପାଣିଗ୍ରାହୀ, ଗଜପତି ଜିଲ୍ଲା ପରିଷଦ ଅଧକ୍ଷ ଜି.ତିରୁପତି ରାଓ, ସମିତି ଉପାଧକ୍ଷା ଏସ୍.କଲ୍ୟାଣୀ, ଜିଲ୍ଲା ପରିଷଦ ଜୋନ୍-୧ ସଦସ୍ୟା ଆର.ରାଜଲକ୍ଷ୍ମୀ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ଡମ୍ବରୁଧର ମଲ୍ଲିକ, ସହକାରୀ ଯନ୍ତ୍ରୀ ରଜତ କୁମାର ପାଢ଼ୀ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଉପସ୍ଥିତ ସମସ୍ତ ସରପଞ୍ଚ, ସମିତିସଭ୍ୟ ଓ ବିଭିନ୍ନ ବିଭାଗ ଅଧିକାରୀ ଆଲୋଚନାରେ ଭାଗ ନେଇଥିଲେ। ବୈଠକରେ ୨୦ ବିଭାଗର କାର୍ଯ୍ୟ ନେଇ ଆଲୋଚନା ହୋଇଥିଲା। ସଂଖ୍ୟାଧିକ ଏଏନ୍ଏମ୍ ନିର୍ଦ୍ଧାରିତ କେନ୍ଦ୍ରରେ ରହୁ ନ ଥିବା ନେଇ ଜନ ପ୍ରତିନିଧି ଅସନ୍ତୋଷ ବ୍ୟକ୍ତ କରିଥିଲେ। ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଇନ୍‌ଚାର୍ଜ ଦାୟିତ୍ୱରେ ଥିବା ଅଧିକାରୀଙ୍କ ଅବହେଳା ଯୋଗୁଁ ବହୁ ମାସ ହେଲା କାଶୀନଗର ବ୍ଲକ୍‌ରେ ଥିବା ସ୍ୱାସ୍ଥ୍ୟକେନ୍ଦ୍ରରେ ଏଭଳି ଅବ୍ୟବସ୍ଥା ସୃଷ୍ଟି ହୋଇଥିବା ଅଭିଯୋଗ କରାଯାଇଥିଲା।



ସମିତିସଭ୍ୟ ବାବୁ ରାଓ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଖାଲି ପଡ଼ିଥିବା ପଦ ପୂରଣ ପାଇଁ ଦାବି ଜଣାଇଥିଲେ। ଶିଆଳି ସରପଞ୍ଚ ରାମ ପ୍ରସାଦ ପଟ୍ଟନାୟକ ପଞ୍ଚାୟତ ସ୍ତରରୁ ଯାଉଥିବା ପ୍ରସ୍ତାବ ଜିଲ୍ଲା ପରିଷଦସ୍ତରରେ ଠିକ୍ ଭାବେ କାର୍ଯ୍ୟକାରୀ ହେଉନାହିଁ ବୋଲି ଅଭିଯୋଗ କରିଥିବାବେଳେ କେଉଁଠି ସମସ୍ୟା ରହୁଛି ତା' ଉପରେ ଜିଲ୍ଲା ପରିଷଦ ଅଧକ୍ଷ ମତ ରଖିଥିଲେ। ଜିଲ୍ଲାସ୍ତରୀୟ ଜଣେ ଅଧିକାରୀ ସମିତି ବୈଠକରେ ଯୋଗଦେବା ଉଚିତ୍ ବୋଲି ମତ ପ୍ରକାଶ ପାଇଥିଲା। ଆୟୁଷ୍ମାନ କାର୍ଡ ସମ୍ପର୍କରେ ମତ ରଖି ଖାରଡ଼ା ସରପଞ୍ଚ ଅଖିଳ ପାତ୍ର ଉକ୍ତ କାର୍ଡ କୌଣସି ହସ୍ପିଟାଲରେ କାମ ଦେଉନି ବୋଲି କହିଥିଲେ। ଭାରପ୍ରାପ୍ତ ମେଡିକାଲ ଅଫିସର ସୌମ୍ୟରଞ୍ଜନ ଦାସ କହିଥିଲେ ଆୟୁଷ୍ମାନ କାର୍ଡ ପାଇଁ ହସ୍ପିଟାଲ ପ୍ୟାନେଲ୍ ଲିଷ୍ଟ ରହିଛି। ସଠିକତା ଯାଞ୍ଚରେ ବିଳମ୍ବ ଯୋଗୁଁ ସମସ୍ୟା ଉପୁଜୁଛି। ବିଏସ୍‌କେୱାଇ କାର୍ଡ ଡେବିଟ୍ କାର୍ଡ ଭଳି ଥିଲା। ଆୟୁଷ୍ମାନ କାର୍ଡ ଜରିଆରେ ୭୦ ବର୍ଷରୁ ଅଧିକ କରଦାତା ଓ ଅବସରପ୍ରାପ୍ତ ସରକାରୀ କର୍ମଚାରୀଙ୍କୁ ବି ୫ ଲକ୍ଷ ଟଙ୍କାର ମାଗଣା ଚିକିତ୍ସା ସୁବିଧା ମିଳିବାର ବ୍ୟବସ୍ଥା ରହିଛି। ସମିତି ଅଧକ୍ଷା ହସ୍ପିଟାଲ ପ୍ୟାନେଲ୍ ଲିଷ୍ଟ ସାର୍ବଜନୀନ କରିବାକୁ ପରାମର୍ଶ ଦେଇଥିଲେ। ହାଡୁଭାଙ୍ଗି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ଯିବା ପାଇଁ ଥିବା ରାସ୍ତା ଦେଖିଲେ ଲାଜ ଲାଗୁଛି ବୋଲି କହିବା ସହ ତହସିଲ୍‌ଦାର ଓ ଆଇଆଇସିଙ୍କ ସହାୟତାରେ ତୁରନ୍ତ ଉକ୍ତ ରାସ୍ତାରୁ ଜବରଦଖଲ ଓ ଆବର୍ଜନା ହଟାଇବା ଦିଗରେ ପଦକ୍ଷେପ ନେବାକୁ ଭାରପ୍ରାପ୍ତ ମେଡିକାଲ ଅଫିସରଙ୍କୁ ଜିଲ୍ଲା ପରିଷଦ ଅଧକ୍ଷ କହିଥିଲେ। ପିଡବ୍ଲ୍ୟୁଡି ବିଭାଗର କୌଣସି ଅଧିକାରୀ ବୈଠକକୁ ଆସି ନ ଥିବାରୁ ଅସନ୍ତୋଷ ପ୍ରକାଶ ପାଇଥିଲା। ୨ ତାରିଖରେ ହେବାକୁ ଥିବା ଉକ୍ତ ବୈଠକ ଓଏଏସ୍ ଅଧିକାରୀ ସେତେବେଳେ ସମୂହ ଛୁଟିରେ ଥିବା କାରଣରୁ ୯ ତାରିଖକୁ ପରିବର୍ତ୍ତନ କରାଯାଇଥିଲା ବୋଲି ଗୋଷ୍ଠୀ ଉନ୍ନୟନ ଅଧିକାରୀ ଜଣାଇଥିଲେ।

- ୨୦ ବିଭାଗର କାର୍ଯ୍ୟ ନେଇ ଆଲୋଚନା
- ଆୟୁଷ୍ମାନ କାର୍ଡର କାର୍ଯ୍ୟକାରିତାକୁ ନେଇ ଅଭିଯୋଗ

## ଦ୍ୱିତୀୟ ଦିନରେ ଡ୍ରାଇଭରଙ୍କ ଷ୍ଟିୟରିଂ ଛାଡ଼ ଆନ୍ଦୋଳନ

ଦାରିଙ୍ଗବାଡ଼ି, ୯।୭ (ସମିସ): ରାଜ୍ୟର ଡ୍ରାଇଭର ସଙ୍ଘ ଅହ୍ୱାନ କ୍ରମେ ଦାରିଙ୍ଗବାଡ଼ି ଶାଖାର ଡ୍ରାଇଭରମାନେ ୭ ଦଫା ଦାବି ନେଇ ଷ୍ଟିୟରିଂ ଛାଡ଼ ଆନ୍ଦୋଳନ କରୁଛନ୍ତି। ଦ୍ୱିତୀୟ ଦିନରେ ଜାରି ରହିଛି ଆନ୍ଦୋଳନ। ଫଳରେ ଦାରିଙ୍ଗବାଡ଼ିରୁ ଫୁଲବାଣୀ, ବ୍ରହ୍ମପୁର, ବାଲିଗୁଡ଼ା, ରାଇକିଆ, ବ୍ରାହ୍ମଣୀଗାଁ, ମୋହନା, ଭଞ୍ଜନଗର ଆଦି ଅଞ୍ଚଳକୁ ଯାତ୍ରୀବାହୀ ବସ୍ ଚଳାଚଳ ସମ୍ପୂର୍ଣ୍ଣ ବନ୍ଦ ରହିଥିବାବେଳେ ଭାରୀଯାନ ଟ୍ରକ୍, ମିନି ଟ୍ରକ୍, ଜିପ୍ ଆଦି ଚଳାଚଳ ସମ୍ପୂର୍ଣ୍ଣ ବନ୍ଦ ହୋଇଯାଇଛି। ଏହି ଆନ୍ଦୋଳନରେ ଦାରିଙ୍ଗବାଡ଼ି ଡ୍ରାଇଭର ସଙ୍ଘ ସଭାପତି ପ୍ରଭଞ୍ଜନ ନାୟକ, ଉପସଭାପତି ସନ୍ତୋଷ ଦିଗାଲ ଓ ସମ୍ପାଦକ ରୁଦ୍ରଦେବ ମଲିକ ସାମିଲ ହୋଇଛନ୍ତି।

### ● କେନ୍ଦ୍ରୀୟ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ନିର୍ଦ୍ଦେଶକଙ୍କ ଗଜପତି ଜିଲ୍ଲା ଗସ୍ତ

## ଗୁମ୍ମା ଓ ଆର୍.ଉଦୟଗିରିରେ କ୍ଷେତ୍ର ପରିଦର୍ଶନ ଓ ସମୀକ୍ଷା

ପାରଳାଖେମୁଣ୍ଡି, ୯।୭ (ସମିସ): ଜାତୀୟ ଖାଦ୍ୟ ସୁରକ୍ଷା ଆଇନ୍ ତଥା କେନ୍ଦ୍ରୀୟ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗର ନିର୍ଦ୍ଦେଶକ ସୁନୀଲ ସଚେଦେବ ଓ କେନ୍ଦ୍ରୀୟ ପ୍ରକଳ୍ପ ମନିଟରିଂ ୟୁନିଟ୍ ସଚିନ କୁମାର ଦିନିକିଆ ଗଜପତି ଜିଲ୍ଲା ଗସ୍ତରେ ଆସି ଜିଲ୍ଲାରେ କାର୍ଯ୍ୟକାରୀ ହେଉଥିବା ଆକାଂକ୍ଷା ବ୍ଲକ୍ ଗୁମ୍ମା ଓ ଆର୍.ଉଦୟଗିରି କ୍ଷେତ୍ର ପରିଦର୍ଶନ କରିଛନ୍ତି। ଆର୍.ଉଦୟଗିରି ଆକାଂକ୍ଷା ବ୍ଲକ୍ ଅନ୍ତର୍ଗତ ଅବାରସିଂ ଓ ଶବରପଲ୍ଲୀ ପଞ୍ଚାୟତ, ଗୁମ୍ମା ବ୍ଲକ୍‌ର ରାଗିଡ଼ି ଓ ତରଭା ପଞ୍ଚାୟତରେ ସରକାରଙ୍କ ଦ୍ୱାରା କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଯୋଜନା ବିଷୟରେ ହିତାଧିକାରୀ ଓ ସ୍ଥାନୀୟ ଜନସାଧାରଣଙ୍କ ସହିତ ଆଲେଚନା କରିଥିଲେ। ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗର ବିଭିନ୍ନ ଯୋଜନା ବିଷୟରେ ସୂଚନା ପ୍ରଦାନ କରିଥିଲେ। ଯାହା ଗୋଟିଏ ଦେଶ ଗୋଟିଏ ରାସନ୍ କାର୍ଡ ମାଧ୍ୟମରେ ଭିଟାମିନଯୁକ୍ତ ଚାଉଳ ପ୍ରଦାନ ଓ ଉକ୍ତ ଚାଉଳକୁ କିପରି ବ୍ୟବହାର କରିବେ, ଖାଦ୍ୟଶସ୍ୟ ଗ୍ରହଣ ସମୟରେ କୌଣସି ସମସ୍ୟା ରହିଛି କି ବିଷୟରେ ହିତାଧିକାରୀଙ୍କୁ ପଚାରି ବୁଝିଥିଲେ। ଏହା ସହିତ ଧାନ ସଂଗ୍ରହ କେନ୍ଦ୍ର, ରାୟଗଡ଼ ଓ ଗୁମ୍ମା ଲ୍ୟାମ୍ପସ ପରିଦର୍ଶନ କରିଥିଲେ। ପରେ ପାରଳାଖେମୁଣ୍ଡିସ୍ଥିତ ଚାଉଳଗ୍ରହଣ ଡିପୋ ତଥା ନିୟନ୍ତ୍ରଣ ବଜାର କମିଟି ପରିଦର୍ଶନ କରି ଚାଉଳର ଗୁଣବତ୍ତା ଓ ପରିମାଣ ଯାଞ୍ଚ କରିଥିଲେ।



ଗଜପତି ଜିଲ୍ଲାର ଆକାଂକ୍ଷା ବ୍ଲକ୍ ଗସ୍ତ କରି କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା ଠିକ୍ ଭାବେ କାର୍ଯ୍ୟକାରୀ ହୋଇଥିବାରୁ ଖୁସିବ୍ୟକ୍ତ କରିଥିଲେ। କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ମିଳିତ ସହଯୋଗରେ ଗଜପତି ଜିଲ୍ଲାର ବିକାଶ ଆଗେଇ ଚାଲିଛି। ଅଧିକ ବିକାଶ କରିବା ପାଇଁ କିଭଳି କାର୍ଯ୍ୟ କରାଯିବ ସେ ନେଇ ଜିଲ୍ଲାପାଳ ବିଜୟ କୁମାର ଦାଶଙ୍କୁ ଭେଟି ସମସ୍ତ କ୍ଷେତ୍ର ପରିଦର୍ଶନ ବିଷୟରେ ଆଲୋଚନା କରିଥିଲେ। ସେହିପରି ଶିକ୍ଷା, ସ୍ୱାସ୍ଥ୍ୟ ଓ ପୋଷଣ, କୃଷି, ଜଳସମ୍ପଦ, ଆର୍ଥିକ ଅନ୍ତର୍ଭୁକ୍ତୀକରଣ, ଦକ୍ଷତା ବୃଦ୍ଧି ଓ ମୌଳିକ ଆବଶ୍ୟକତା ପୂରଣ ଓ ନୀତି ଆୟୋଗ ପକ୍ଷରୁ କାର୍ଯ୍ୟକାରୀ ହେଉଥିବା ବିକାଶମୂଳକ ଯୋଜନା ସମ୍ପର୍କରେ ଆଲୋଚନା କରିଥିଲେ। ଜାତୀୟ ଖାଦ୍ୟ ସୁରକ୍ଷା ଆଇନ୍ ତଥା କେନ୍ଦ୍ରୀୟ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ନିର୍ଦ୍ଦେଶକଙ୍କ ଗସ୍ତ ସମୟରେ ପାରଳାଖେମୁଣ୍ଡି ଉପଜିଲ୍ଲାପାଳ ଅନୁପ ପଣ୍ଡା, ଅତିରିକ୍ତ ଜିଲ୍ଲା ଖାଦ୍ୟ ଯୋଗାଣ ଅଧିକାରୀ ସ୍ନେହାସିନୀ ବେହେରା, ଗୁମ୍ମା ପଞ୍ଚାୟତ ସମିତି ଅଧକ୍ଷା ସୁନାମୀ ମଣ୍ଡଳ, ଆର୍.ଉଦୟଗିରି ଗୋଷ୍ଠୀ ଉନ୍ନୟନ ଅଧିକାରୀ ଲାରୀମେନ୍ ଖର୍ସେଲ, ଗୁମ୍ମା ଗୋଷ୍ଠୀ ଉନ୍ନୟନ ଅଧିକାରୀ ଦୁଲେରାମ ମାରାଣ୍ଡି, ତହସିଲ୍‌ଦାର ଶରତ ଶବର ଓ ସମସ୍ତ ଯୋଗାଣ ନିରୀକ୍ଷକ ଓ ବ୍ଲକ୍‌ସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ।

## ସରକାର ଶୁଣୁନାହାନ୍ତି ▶ କେନାଲ ମରାମତି କଲେ ୭ ଗ୍ରାମର ଚାଷୀ

ଜି.ଉଦୟଗିରି, ୯।୭ (ସମିସ): ଚାଷୀଙ୍କ ବିକାଶ ପାଇଁ ସରକାର କୋଟି କୋଟି ଟଙ୍କାର ଯୋଜନା କରୁଥିବା କରୁଥିବାବେଳେ କୃଷିକୁ ଅଗ୍ରାଧିକାର ଦିଆଯାଉଛି ବୋଲି ଜନପ୍ରତିନିଧି କହୁଛନ୍ତି। କିନ୍ତୁ ପ୍ରକୃତିରେ ତାହା ହେଉ ନ ଥିବା ଅଭିଯୋଗ ହେଉଛି। ଉଦାହରଣ ହେଉଛି ଜି.ଉଦୟଗିରି ବ୍ଲକ୍। ଦିନ ଥିଲା ଚାଷୀ ଜଳସେଚନ ବ୍ୟବସ୍ଥା ଠିକ୍ ଥିବା ଯୋଗୁଁ ବର୍ଷକୁ ଦୁଇ ଥର ଫସଲ ଅମଳ କରୁଥିଲେ। ଧୀରେ ଧୀରେ ରକ୍ଷଣାବେକ୍ଷଣ ଅଭାବ ଯୋଗୁଁ କେନାଲ ପୋତି ହେବା ସହିତ ଭାଙ୍ଗିଯିବା ଦ୍ୱାରା ଜଳସେଚନ ବ୍ୟବସ୍ଥା ବନ୍ଦ ହେବାକୁ ବସିଛି। ବିଭାଗ ଅଣଦେଖା ଯୋଗୁଁ ଚାଷୀ ବିରକ୍ତ ହୋଇ ୪ବର୍ଷ ହେଲା ନିଜସ୍ୱ ପାଣ୍ଠିରୁ ଅର୍ଥ ଖର୍ଚ୍ଚ କରିବା ସହିତ ନିଜେ ଶ୍ରମ ଦେଇ କେନାଲ ମରାମତି କରୁଛନ୍ତି। ଚାଷୀମାନେ ସେତିକି ନକଲେ ଜମି ପଡ଼ିଆ ପଡ଼ିବ ବୋଲି କୁହାଯାଉଛି। ଗତ ବର୍ଷ ସ୍ୱଳ୍ପ ବର୍ଷା ଯୋଗୁଁ ଫସଲ ଉଜୁଡ଼ି ଯାଇଥିବାବେଳେ ଚଳିତ ବର୍ଷ ତଳି ପକାଇଲା ବେଳକୁ ନାହିଁ ପାଣି। ଚାଷୀ ଜଗିଛି କେନାଲ ପାଣିକୁ। ତେଣୁ ଆଜି ଜଡ଼ାଙ୍ଗବାଲି, ବାଡେନାଜୁ, ମାଲିକପଡି, କୃପାଗୁଡ଼ା, ନୂଆସାହି, କନବାଗିରି, ବାଲୁପାଙ୍ଗା ୭ ଗ୍ରାମର ଚାଷୀ ଏକାଠି ହୋଇ ନିଜେ ଅର୍ଥ ଦେବା ସହିତ ଜେସିବି ଲଗାଇ କେନାଲ ମରାମତି କରିଛନ୍ତି। କେନାଲ ମରାମତି ହେଲେ ତଳିରୁଆ ହେବା ପାଇଁ ଚାହିଁ ବସିଛନ୍ତି ଶତାଧିକ ଚାଷୀ। ଚାଷୀ ବୁଧବାର ଦିନ ତମାମ ମରାମତି କାମରେ ଲାଗିଥିବା ଦେଖିବାକୁ ମିଳିଥିଲା। ଏହି ଭଳି ଘଟଣା ଚାରିବର୍ଷ ହେଉଥିଲେ ମଧ୍ୟ ସରକାର ଦୃଷ୍ଟି ଦେଉ ନ ଥିବା ଅଭିଯୋଗ ହେଉଛି। କୃଷି ଆଉ କୃଷକର ବିକାଶ କେବଳ ନାରା ଆଉ କାଗଜ କଲମରେ ସୀମିତ ହୋଇ ରହିଯାଇଛି ବେଲି କହିଛନ୍ତି ଚାଷୀ। କେନାଲ ମରାମତି କାମରେ ଯମେଶ ପ୍ରଧାନ, ଉଦେସନ ପ୍ରଧାନ, ଯଶିତ ପ୍ରଧାନ, କରୁଣାକର ପ୍ରଧାନ, ଆମୋସ ନାୟକ, ପୂର୍ଣ୍ଣଚନ୍ଦ୍ର ନାୟକ, ବାଳକୃଷ୍ଣ ପ୍ରଧାନ, ବୈଦ୍ୟନାଥ ପ୍ରଧାନ, ଭୂପେଷ ନାୟକ ଓ ରଞ୍ଜନ ସାହୁ ସାମିଲ ହୋଇଥିଲେ।



## ଯୁବକ ନିଖୋଜ; ଥାନାରେ ଏତଲା ଦେଲେ ପରିବାର

ଫିରିଙ୍ଗିଆ, ୯।୭ (ସମିସ): କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକ୍ ଗୋଛାପଡ଼ା ଥାନା ବିନକିମେଣ୍ଡି (ନେଡିପଦର) ଗାଁର ଜଣେ ୨୧ ବର୍ଷୀୟ ଯୁବକ ତପନ ରଣା ନିଖୋଜ ଥିବା ନେଇ ପରିବାର ଲୋକେ ଥାନାରେ ଲିଖିତ ଭାବରେ ଏତଲା ଦେଇଛନ୍ତି। ସୂଚନା ଅନୁସାରେ, ନିଖୋଜ ଯୁବକ ଜଣକ ଗତ ୪ ତାରିଖ ଦିନ ସମ୍ପର୍କୀୟଙ୍କ ବାଇକ୍ ଧରି କଟ୍ରିଙ୍ଗିଆ ଯାଉଛି କହି ଆଉ ଘରକୁ ଫେରିନଥିଲେ। ପରିବାର ଲୋକଙ୍କୁ ୬ ତାରିଖରେ ଯୁବକର କିଛି ସାଙ୍ଗ ଖଜୁରୀପଡ଼ା ଥାନା ଅଞ୍ଚଳ ଗୁଦାରି ନିକଟରେ ତାଙ୍କର ଦୁର୍ଘଟଣା ହୋଇଥିବା ସୂଚନା ଦେଇଥିଲେ। ପରିବାର ଲୋକେ ଦୁର୍ଘଟଣା ଘଟିଥିବା କୁହାଯାଉଥିବା ସ୍ଥାନକୁ ଯାଇ ଖୋଜାଖୋଜି କରିଥିଲେ କିନ୍ତୁ କୌଣସି ସୂଚନା ମିଳି ନ ଥିଲା। ପରେ ଫୁଲବାଣୀର ବିଭିନ୍ନ ଅଞ୍ଚଳରେ ଖୋଜାଖୋଜି କରିଥିଲେ। ସମ୍ପର୍କୀୟ ବନ୍ଧୁବାନ୍ଧବଙ୍କ ଘରେ ମଧ୍ୟ ଖୋଜାଖୋଜି କରିଥିଲେ। କୌଣସି ସନ୍ଧାନ ମିଳିନଥିବା ବେଳେ ନିଖୋଜ ଯୁବକଙ୍କ ମୋବାଇଲ ପ୍ରଥମେ ରିଙ୍ଗ୍ ହେଉଛି। କିନ୍ତୁ କେହି ଫୋନ୍ ଉଠାଇ ନଥିଲେ। ମଙ୍ଗଳବାରଠାରୁ ଫୋନ୍ ମଧ୍ୟ ସୁଇଚ୍ ଅଫ୍ ହେବାରୁ ପରିବାର ଚିନ୍ତାରେ ରହି ବାଧ ହୋଇ ଯୁବକ ନିଖୋଜ ଥିବା ନେଇ ଗୋଛାପଡ଼ା ଥାନାରେ ଲିଖିତ ଭାବରେ ଜଣାଇଛନ୍ତି। ଅନ୍ୟପଟେ ଯୁବକ ନେଇଥିବା ବାଜାଜ୍ ପଲସର ବାଇକ ମଧ୍ୟ ମିଳିନଥିବାବେଳେ ଫୋନ୍ ସୁଇଚ୍ ଅଫ୍ ହୋଇଯାଇଥିବାରୁ ପରିବାର ଲୋକ ଚିନ୍ତା ଓ ଅନିଶ୍ଚିତତାରେ ରହିଛନ୍ତି। ଏନେଇ ଗୋଛାପଡ଼ା ଥାନାରେ ନିଖୋଜ ନେଇ ଏକ ମାମଲା ରୁଜୁ ହୋଇଥିବା ସୂଚନା ମିଳିଛି। ନିଖୋଜ ତପନଙ୍କୁ ତୁରନ୍ତ ଖୋଜି ବାହାର କରିବା ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି।

## ପାରଳାଖେମୁଣ୍ଡିରେ କୃଷକ ଓ ଶ୍ରମିକ ସଂଗଠନର ବନ୍ଦ ପାଳନ

ପାରଳାଖେମୁଣ୍ଡି, ୯।୭ (ସମିସ): କେନ୍ଦ୍ର ସରକାରଙ୍କ ଶ୍ରମିକ ବିରୋଧୀ ଓ କର୍ପୋରେଟ୍ ସପକ୍ଷବାଦୀ ଚାରି ଶ୍ରମ କୋଡ୍ ବିରୋଧରେ ବୁଧବାର ଦେଶର ଶ୍ରମିକ ଶ୍ରେଣୀ ଦ୍ୱାରା ଆୟୋଜିତ ହୋଇଥିବା ସର୍ବଭାରତୀୟ ସାଧାରଣ ହରତାଳ ପରିପ୍ରେକ୍ଷୀରେ ଜିଲ୍ଲା ସଦର ମହକୁମା ପାରଳାଖେମୁଣ୍ଡିରେ ବନ୍ଦ ପାଳିତ ହୋଇଯାଇଛି। ଘରୋଇ ବସ୍, ସରକାରୀ ଓ ବେସରକାରୀ କାର୍ଯ୍ୟାଳୟ ଆଦି ବନ୍ଦ ରହିଥିବାବେଳେ ଦୋକାନ ବଜାର ମଧ୍ୟ ବନ୍ଦ ରହିଥିଲା।

ପୂର୍ବାହ୍ଣରେ ସ୍ଥାନୀୟ ପୁରୁଣା କୋର୍ଟ ଛକଠାରୁ ଅଖିଳ ଭାରତ କିଶାନ୍ ମଜଦୂର ସଭା, ଅଖିଳ ଭାରତ ଆଦିବାସୀ ମଞ୍ଚ, ଆଇଏଫଟିୟୁ, ଓଡ଼ିଶା କୃଷକ ସଭା, ଏଆଇଟିୟୁସି ଆଦି ସଂଗଠନର ବହୁ ସମର୍ଥକ ଲାଲ୍ ପତାକା ଧରି ଶୋଭାଯାତ୍ରାରେ ସହରର ବିଭିନ୍ନ ଛକକୁ ଯାଇ ବନ୍ଦ ପାଳନ କରିବା ସହ ପୁଲିସ ଷ୍ଟେସନ ଛକରେ ପହଞ୍ଚିଥିଲେ। ଏହି ଅବସରରେ ସଂଗଠନର ନେତା କେନ୍ଦ୍ର ସରକାରଙ୍କ ବିଭିନ୍ନ ଯୋଜନାର ପ୍ରତିବାଦ କରିଥିଲେ। କାର୍ଯ୍ୟକ୍ରମରେ ଏଆଇକେଏମ୍ଏସ୍‌ର ଜିଲ୍ଲା ସମ୍ପାଦକ କେଦାର ଶବର, ଜିଲ୍ଲା କମିଟି ସଭ୍ୟ ସୁମ୍ବାରା ଶବର, କାଡୁକା ଶବର, ଆଇଏଫଟିୟୁର କାରୁଗା ଶବର, ଓଡ଼ିଶା କୃଷକ ସଭାର ଏମ୍. ବାଙ୍ଗାରି, ଦଣ୍ଡପାଣି ରଇତ, ଏଆଇଟିୟୁସିର ନରସିଂହ ମାଳବିଷୋୟୀ, ରଞ୍ଜନ ମହାପାତ୍ର, ଏ.କେ. ରାମାରାଜୁ, ଡି. ଜଗନ୍ନାଥ ରାଓ, ଟିୟୁସିସିର ପି. ମୁରଲୀ କ୍ରିଷ୍ଣା, ଏଆଇସିସିଟିୟୁର ଶ୍ରୀନୁ ବେହେରା, ଦି. ସମେଶ୍ୱ ରାଓ, ଏଏସ୍ଏନ୍ଏସ୍‌ୟୁର ଓନକ୍ୟ ଭୂୟାଁ, ରମେଶ ଭୂୟାଁ ପ୍ରମୁଖ ନେତୃତ୍ୱ ନେଇଥିଲେ।

## ଷ୍ଟିୟରିଂ ଛାଡ଼ ଆନ୍ଦୋଳନରେ ନୂଆଗଡ଼ ବ୍ଲକ୍ ଡ୍ରାଇଭର

ନୂଆଗଡ଼, ୯।୭ (ସମିସ): ଗଜପତି ଜିଲ୍ଲା ନୂଆଗଡ଼ ବ୍ଲକ୍ ଖଜୁରୀପଦା ଛକରେ ଓଡ଼ିଶା ଡ୍ରାଇଭର ମହାସଂଘର ନିର୍ଦ୍ଦେଶ କ୍ରମେ ୭ ଦଫା ଦାବି ନେଇ ମହାସଂଘ ବ୍ଲକ ସଭାପତି ଜଗନ୍ନାଥ ପାଇକଙ୍କ ନେତୃତ୍ୱରେ ଷ୍ଟିୟରିଂ ଛାଡ଼ ଆନ୍ଦୋଳନକୁ ଓହ୍ଲାଇଛନ୍ତି ଓଡ଼ିଶା ଡ୍ରାଇଭର ମହାସଂଘ ସହ ଜଡ଼ିତ ବ୍ଲକ୍‌ର ସମସ୍ତ ଡ୍ରାଇଭର। ଏହି ଆନ୍ଦୋଳନ ଯୋଗୁଁ ଗାଡ଼ି ମୋଟର ଚଳାଚଳରେ ପ୍ରଭାବିତ ହେଉଛି। ଚକ ଅଖ ସମ୍ପୂର୍ଣ୍ଣ ବନ୍ଦ ରହିଥିବାବେଳେ ସାଧାରଣ ଲୋକେ ଯାତାୟାତରେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୋଇଛନ୍ତି। ୭ ଦଫା ଦାବି ସରକାର ପୂରଣ ନ କରିବା ପର୍ଯ୍ୟନ୍ତ ଏମିତି ଷ୍ଟିୟରି ଛାଡ଼ି ଆନ୍ଦୋଳନ ଚାଲିବ ବୋଲି ଚେତାବନୀ ଦେଉଛନ୍ତି ସଂଘର ସଦସ୍ୟ। ଉପସଭାପତି ନରେନ୍ ରଇତ, ସମ୍ପାଦକ କାଇଲାଇ ବଡ଼ ରଇତ ଓ ସହ ସମ୍ପାଦକ ସୁରତ ଗମାଙ୍ଗଙ୍କ ସମେତ ବ୍ଲକର ସମସ୍ତ ଡ୍ରାଇଭର ଆନ୍ଦୋଳନରେ ସାମିଲ ହୋଇଛନ୍ତି।



## ଭାରତ ବନ୍ଦ ପ୍ରଭାବ ▶ ୮ ଦଫା ଦାବିରେ ଆଶାକର୍ମୀଙ୍କ ଆନ୍ଦୋଳନ



ମୋହନା, ୯।୭ (ସମିସ): ସର୍ବ ଭାରତୀୟ ଶ୍ରମିକ ସଂଗଠନ ବୁଧବାର ଭାରତ ବନ୍ଦ ଡକରା ଦେଇଥିବାବେଳେ ଗଜପତି ଜିଲ୍ଲା ମୋହନାରେ ରାସ୍ତା ଅବରୋଧ କରି ଆନ୍ଦୋଳନ କରିଛନ୍ତି ଆଶାକର୍ମୀ। ଆଶା କର୍ମୀ ୮ ଦଫା ଦାବି ନେଇ ଆନ୍ଦୋଳନକୁ ଓହ୍ଲାଇଥିଲେ। ମୋହନା ତହସିଲ କାର୍ଯ୍ୟାଳୟ ଆଗରେ, ହାଇସ୍କୁଲ ଛକ ଓ ଚନ୍ଦ୍ରଗିରିରେ ୩୨୬ ନମ୍ବର ଜାତୀୟ ରାଜପଥ ଅବରୋଧ କରି ଧାରଣା ଦେଇଥିଲେ। ସରକାରଙ୍କ ସବୁ ଯୋଜନାକୁ ଆଶାକର୍ମୀ ସଫଳ କରୁଛନ୍ତି। ମାତୃ ମୃତ୍ୟୁହାର ଓ ଶିଶୁ ମୃତ୍ୟୁହାର ରୋକିବା ପାଇଁ କେନ୍ଦ୍ର ସରକାର ଆଶା କର୍ମୀ ନିଯୁକ୍ତି କରିଛନ୍ତି। ସେହି ଅନୁସାରେ କାମ ମଧ୍ୟ କରୁଛନ୍ତି। ଏଥିସହ ଅତିରିକ୍ତ ୬୪ କାମ ସେମାନଙ୍କ ଉପରେ ଲଦି ଦେଇଛନ୍ତି ସରକାର। କିନ୍ତୁ କାମ ଅନୁଯାୟୀ ସେମାନଙ୍କୁ ଦରମା ଦିଆଯାଉନାହିଁ। ଏନେଇ ବାରମ୍ବାର ସରକାରଙ୍କ ପାଖରେ ଦାବି କଲେ ମଧ୍ୟ ସେମାନଙ୍କ ଦାବି ପ୍ରତି ସରକାର କେବେ ଗୁରୁତ୍ୱ ଦେଉନାହାନ୍ତି ବୋଲି ଅଭିଯୋଗ କରିଛନ୍ତି ଆଶାକର୍ମୀ। ରାସ୍ତା ଅବରୋଧ ଯୋଗୁଁ ଉଭୟପଟେ ଗାଡ଼ି ଅଟକି ରହିଥିବାବେଳେ ଯାତ୍ରୀ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୋଇଥିଲେ। ଏଭଳିକି ଡାକ୍ତରଖାନାକୁ ଆସୁଥିବା ରୋଗୀ, ଗର୍ଭବତୀ ମଧ୍ୟ ଚାଲି ଚାଲି ଆସୁଥିବା ଦେଖିବାକୁ ମିଳିଥିଲା। ଆଶାକର୍ମୀ ସଂଘ ଗଜପତି ଜିଲ୍ଲା ସଭାପତି ନିରୂପମା ନାୟକ, ମୋହନା ବ୍ଲକ୍ ସଭାପତି ସଂଗୀତା ନାୟକ ଓ ସମ୍ପାଦିକା ସୁଜାତା ନାୟକଙ୍କ ନେତୃତ୍ୱରେ ଦାବି ପୂରଣ ନହେବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ ବୋଲି ଆଶା କର୍ମୀ ଚେତାବନୀ ଦେଇଛନ୍ତି। ଅପରାହ୍ଣ ୨ଟାରେ ରାସ୍ତା ଅବରୋଧ ହଟିବା ପରେ ଯାତାୟାତ ସ୍ୱାଭାବିକ ହୋଇଥିଲା।

### ରାୟଗଡ଼

ସର୍ବ ଭାରତୀୟ ଶ୍ରମିକ ସଂଗଠନ ଭାରତ ବନ୍ଦ ଡକରା ଦେଇଥିବାବେଳେ ଗଜପତି ଜିଲ୍ଲା ରାୟଗଡ଼ ବ୍ଲକରେ ରାସ୍ତା ଅବରୋଧ କରି ଆଶାକର୍ମୀ ଆନ୍ଦୋଳନ କରିଥିଲେ। ଆଶାକର୍ମୀ ୧୮ ଦଫା ଦାବି ନେଇ ଆନ୍ଦୋଳନକୁ ଓହ୍ଲାଇଥିଲେ। ବ୍ଲକ୍ କାର୍ଯ୍ୟାଳୟ ଆଗରେ ଓ ଶିବ ମନ୍ଦିର ଆଗରେ ୩୨୬ (ଇ) ନମ୍ବର ଜାତୀୟ ରାଜପଥ ଅବରୋଧ କରି ଧାରଣା ଦେଇଥିଲେ। ରାସ୍ତା ଅବରୋଧ ଯୋଗୁଁ ଉଭୟ ପରେ ଗାଡ଼ି ଅଟକି ରହିଥିବାବେଳେ ଯାତ୍ରୀ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୋଇଥିଲେ। ଏମିତି କି କେତେକ ଗାଡ଼ି ନେଇ ଆସିଥିବା ଅମାନିଆ ଡ୍ରାଇଭରଙ୍କ ସହ ଯୁକ୍ତିତର୍କ ହୋଇ କିଛି ସମୟ ପାଇଁ ଚାପା ଉତ୍ତେଜନା ସୃଷ୍ଟି ହୋଇଥିଲା। ନିଖିଳ ଓଡ଼ିଶା ଆଶାକର୍ମୀ ସଂଘ ଗଜପତି ଜିଲ୍ଲା ସଭାପତି ଇସ୍ରାଏଲ ମାଳିଙ୍କ ସମେତ ଆଶାକର୍ମୀ ଗୀତା ଆଡ୍ରାପ, ଭବାନୀ ପାଇକ, ଏସ୍. ଜୟଲକ୍ଷ୍ମୀ, ମମତା କୁମାରୀ ଭୂୟାଁ, ସୁଭଦ୍ରା ଦେବୀଙ୍କ ନେତୃତ୍ୱରେ ଆଶାକର୍ମୀ ଧାରଣା ଦେଇଥିଲେ। ଦାବି ପୂରଣ ପର୍ଯ୍ୟନ୍ତ ଆନ୍ଦୋଳନ କରାଯିବ ବୋଲି କୁହାଯାଇଥିଲା।



## ଦୈତାରୀ ଦିଗାଲଙ୍କୁ ଜିଲ୍ଲାସ୍ତରୀୟ ପ୍ରକୃତିବନ୍ଧୁ ସମ୍ମାନ

ଜି.ଉଦୟଗିରି, ୯।୭ (ସମିସ): ରାଜ୍ୟ ସରକାରଙ୍କ ଜଙ୍ଗଲ ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ତରଫରୁ କନ୍ଧମାଳ ଜିଲ୍ଲା ମଙ୍ଗଳ ବିଭାଗରୁ ଉଦୟଗିରି ବ୍ଲକ୍ ସରକାରୀ ସେବାଶ୍ରମ ଡଡ଼ାପଡ଼ାର ପ୍ରଧାନଶିକ୍ଷକ ଦୈତାରୀ ଦିଗାଲଙ୍କୁ ପ୍ରକୃତିବନ୍ଧୁ ସମ୍ମାନ ପ୍ରଦାନ କରାଯାଇଛି। ଜିଲ୍ଲାସ୍ତରୀୟ ବନ ମହୋତ୍ସବ ଓ ପରିବେଶ ଉତ୍ସବ ଫୁଲବାଣୀରେ ଆୟୋଜିତ ହୋଇଥିବାବେଳେ ଏଥିରେ ମୁଖ୍ୟଅତିଥି ଭାବେ ଜିଲ୍ଲା ବନଖଣ୍ଡ ଅଧିକାରୀ ସହିତ ସମସ୍ତ ବନାଞ୍ଚଳର ବନପାଳ ଉପସ୍ଥିତ ଥିଲେ। ଶ୍ରୀ ଦିଗାଲଙ୍କୁ ମାନପତ୍ର ସହିତ ଦଶହଜାର ଟଙ୍କାର ପୁରସ୍କାର ପ୍ରଦାନ କରିଛନ୍ତି ଜିଲ୍ଲା ବନଖଣ୍ଡ ଅଧିକାରୀ ପ୍ରତାପ କଥାପାଳି। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଏସିଏଫ୍ କାଜଲ ନାୟକ, ଶ୍ୱେତାଲିନା ସାହୁ, ବାଲିଗୁଡ଼ା ଏସିଏଫ୍ ମନୋରଞ୍ଜନ ବାଗ ଏବଂ ଜି.ଉଦୟଗିରି ପ୍ରଶିକ୍ଷଣ ବିଦ୍ୟାଳୟର ବନଖଣ୍ଡ ଅଧିକାରୀ ଦିବାକାର ବେହେରା ଓ ରାଇକିଆ ବନାଞ୍ଚଳ ଅଧିକାରୀ ଯୁଧିଷ୍ଠିର ବେହେରା ସହିତ ଜିଲ୍ଲାର ସମସ୍ତ ବନରକ୍ଷୀ ଏହି ଅବସରରେ ଉପସ୍ଥିତ ଥିଲେ। ଏହି ଅବସରରେ ବନପାଳ ପ୍ରଶାନ୍ତ ସାହୁ, ରଶ୍ମିତା ବକ୍ସି, ମନୋଜ କୁମାର ଝା, ବନରକ୍ଷୀ ମନୋଜ ମହାପାତ୍ର, ପ୍ରତାପ ବେହେରା, ପାର୍ବତୀ ମାଝୀ, ବିଭୁରଞ୍ଜନ ସାମନ୍ତରାୟ, ନିଳେନ୍ଦି ନାୟକ, କସ୍ତୁରି କହଁର, ଝୁମୁରି କହଁର ଓ ସଞ୍ଜୟ ମହାନ୍ତି ଓ ନିତ୍ୟାନନ୍ଦ ବେହେରା ଉପସ୍ଥିତ ଥିଲେ। ଜିଲ୍ଲା ମଙ୍ଗଳ ଅଧିକାରୀ ରବିନାରାୟଣ ମିଶ୍ର ଶ୍ରୀ ଦିଗାଲଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।



# ବିଭିନ୍ନ ସ୍ଥାନରେ ବନ ମହୋତ୍ସବ

## ● ଗୋପାଳକୃଷ୍ଣ ସରକାରୀ ଉଚ୍ଚ ବିଦ୍ୟାଳୟ



ରମ୍ଭା, ୯।୭(ସମିସ): ଗଞ୍ଜାମ ବ୍ଲକ ସୁବଳୟା ପଞ୍ଚାୟତର ଗୋପାଳକୃଷ୍ଣ ସରକାରୀ ଉଚ୍ଚ ବିଦ୍ୟାଳୟରେ ବନ ମହୋତ୍ସବ ସପ୍ତାହ ପାଳିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ପ୍ରଶାନ୍ତ କୁମାର ବେହେରା ସଭାପତିତ୍ୱ କରିଥିଲାବେଳେ ମୁଖ୍ୟ ଅତିଥି ଭାବେ ରମ୍ଭା ସେକ୍ସନ ବନପାଳ ପ୍ରଶାନ୍ତ କୁମାର ରାଓ ଓ ମୁଖ୍ୟବକ୍ତା ଭାବେ ରାଜ୍ୟପାଳ ପୁରସ୍କୃତ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ବିଜୟ କୁମାର ବିଶ୍ୱାଳ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଯଥାକ୍ରମେ ରମ୍ଭା ହାଇସ୍କୁଲ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ବାଳକୃଷ୍ଣ ମହାରଣା, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଦିଲ୍ଲୀପ କୁମାର ବେହେରା, ନାଏବ ସରପଞ୍ଚ ରାକେଶ କୁମାର ସାହୁ, ବନରକ୍ଷୀ ଦେବାଶିଷ ପଟ୍ଟନାୟକ, ଶିକ୍ଷକ ବିଭୂତି ବେହେରା ଯୋଗଦେଇ ବୃକ୍ଷରୋପଣର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ। ଇକୋ କ୍ଲବ୍ ଇନ୍‌ଚାର୍ଜ ମନୀଷା ବିଶ୍ୱାସ ଅତିଥି ପରିଚୟ ପ୍ରଦାନ ଓ ବରିଷ୍ଠ ଶିକ୍ଷୟିତ୍ରୀ ସନ୍ଧ୍ୟାରାଣୀ ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

## ● ବିବେକାନନ୍ଦ ବିଦ୍ୟାମନ୍ଦିର

ରମ୍ଭା: ଗଞ୍ଜାମ ବ୍ଲକ ଅନ୍ତର୍ଗତ ରଘୁନାଥପୁରଠାରେ ସ୍ଥାପିତ ସ୍ୱାମୀ ବିବେକାନନ୍ଦ ବିଦ୍ୟାମନ୍ଦିରରେ ୭୬ତମ ବନମହୋତ୍ସବ ପାଳିତ ହୋଇଯାଇଛି। ମୁଖ୍ୟଅତିଥିଭାବେ ଚିଲିକା ବନ୍ୟପ୍ରାଣୀ ବନଖଣ୍ଡ ଅଧିକାରୀ ଅମ୍ଳାନ ନାୟକ, ସମ୍ମାନିତ ଅତିଥି ରୂପେ ବାଲୁଗାଁ ବନ୍ୟପ୍ରାଣୀ ଉପବନାଞ୍ଚଳ ଅଧିକାରୀ ରଶ୍ମିତା ଜେନା, ମୁଖ୍ୟବକ୍ତା ଭାବେ ରମ୍ଭା ବନ୍ୟପ୍ରାଣୀ ଉପବନାଞ୍ଚଳ ଅଧିକାରୀ ବବୁଲୁ ମଲ୍ଲିକ ଏବଂ ଅନ୍ୟତମ ସମ୍ମାନିତ ଅତିଥି ରୂପେ ଦେବଦତ୍ତ ମିଶ୍ର ଯୋଗଦେଇଥିଲେ। ବିଦ୍ୟାଳୟ ସଭାପତି ବିଜୟ କୁମାର ବିଶ୍ୱାଳ ସଭାପତିତ୍ୱ କରିଥିଲେ। ବିଦ୍ୟାଳୟର ସମସ୍ତ ଗୁରୁମା ଗୁରୁଜୀ ଗୁରୁମା ସସ୍ମିତା ମହାରଥୀ, ଜ୍ୟୋତିର୍ମୟୀ ଦାସ, ଦୀପା ସାହୁ, ସ୍ୱପ୍ନାରାଣୀ ପାତ୍ର, ପି. ସଂଧ୍ୟା ପ୍ରଧାନ, ମାମାଲି ସାହୁ, ଜାଗୃତି ସାହୁ, ବିଦେଶିନୀ ମାଳି, ପୂଜା ସ୍ୱାଇଁ, ସିଲି ପଲାଇ, ଦେବାଶିଷ ବେହେରା, ସୁନିତା ସାହୁ, ସୂର୍ଯ୍ୟ କାନ୍ତି ନାହାକ ସମେତ ସମସ୍ତ କର୍ମଚାରୀ ସହଯୋଗ କରିଥିଲେ। ରଥଯାତ୍ରା ଓ ବନ ମହୋତ୍ସବ ଅବସରରେ ପ୍ରଥମ ଶ୍ରେଣୀ ଠାରୁ ଚତୁର୍ଥ ଶ୍ରେଣୀ ଭାଇ ଭଉଣୀ ମାନଙ୍କ ମଧ୍ୟରେ ଚିତ୍ରାଙ୍କନ ଏବଂ ପଞ୍ଚମ ଶ୍ରେଣୀ ଠାରୁ ନବମ ଶ୍ରେଣୀ ଭାଇ ଭଉଣୀ ମାନଙ୍କ ମଧ୍ୟରେ ସାଧାରଣଜ୍ଞାନ ପ୍ରତିଯୋଗିତା କରାଯାଇଥିଲା ସେଥିରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା।

## ● ମୁଣ୍ଡମରାଇ ସରସ୍ୱତୀ ଶିଶୁ ମନ୍ଦିର

ଧରାକୋଟ: ଧରାକୋଟ ବ୍ଲକ ଅନ୍ତର୍ଗତ ମୁଣ୍ଡମରାଇ ସରସ୍ୱତୀ ଶିଶୁ ମନ୍ଦିରରେ ବନ ମହୋତ୍ସବ ପାଳିତ ହୋଇଯାଇଛି। ପ୍ରଥମ ଦିନ ଧରାକୋଟ ବନ ବିଭାଗ କର୍ମଚାରୀଙ୍କ ଉପସ୍ଥିତିରେ ସ୍କୁଲ ପରିସରରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ଉଦଘାଟନ ହୋଇଥିଲା। ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ଧରାକୋଟ ଖଣ୍ଡ ସେବା ପ୍ରମୁଖ ଦୀନବନ୍ଧୁ




ମହାରଣାଙ୍କ ସହଯୋଗରେ ୭ ଦିନ ବ୍ୟାପୀ କାର୍ଯ୍ୟକ୍ରମ ହୋଇ ଜୁଲାଇ ୭ ତାରିଖରେ ସରସ୍ୱତୀ ଶିଶୁ ମନ୍ଦିରର ସମ୍ପାଦକ ଚିଦାନନ୍ଦ ପାତ୍ରଙ୍କ ଦ୍ୱାରା ଏହା ଉଦ୍‌ଯାପିତ ହୋଇଥିଲା। ଏଥିରେ ଅନୁଷ୍ଠାନର ପ୍ରଧାନ ଆଚାର୍ଯ୍ୟ ମହେଶ୍ୱର ସ୍ୱାଇଁ, ବରିଷ୍ଠ ଆଚାର୍ଯ୍ୟ ଗଣେଶ ଚନ୍ଦ୍ର ପାତ୍ରଙ୍କ ସମେତ ସମସ୍ତ ଗୁରୁଜୀ ଗୁରୁମା ଏବଂ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ। ସେହିପରି ମୁଣ୍ଡମରାଇ ଦିବ୍ୟ ଜୀବନ ସଂଘ ଶାଖା ତରଫରୁ ବନମହୋତ୍ସବ ଅବସରରେ ସଂଘର ସଭାପତି ଅବସରପ୍ରାପ୍ତ ଶିକ୍ଷକ ପି. ତ୍ରିନାଥ ପାତ୍ରଙ୍କ ଦ୍ୱାରା ସ୍ଥାନୀୟ ଉଚ୍ଚ ବିଦ୍ୟାଳୟ ପରିସରରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଶାଖାର ସଦସ୍ୟ ନୀତେଶ ସାହୁ, ବାସୁଦେବ ପଣ୍ଡା, ଦୀନବନ୍ଧୁ ମହାରଣା, ୟୁ. ନାଗେଶ୍ୱର ରାଓ, ପ୍ରସାଦ ଆଚାରି ଓ ସଞ୍ଜୟ ପାତ୍ର ପ୍ରମୁଖ ଉପସ୍ଥିତ ରହି ବିଭିନ୍ନ ଗଛ ଲଗାଇଥିଲେ।

## ● ବନଶ୍ରୀ ବାଳିକା ବିଦ୍ୟାଳୟ




ଜି.ଉଦୟଗିରି, ୯।୭(ସମିସ): ବନ ମହୋତ୍ସବ ଅବସରରେ ଶିକ୍ଷାନୁଷ୍ଠାନରେ ଚାରାରୋପଣ ସହିତ ଆରମ୍ଭ ହୋଇଛି ସଚେତନତା କାର୍ଯ୍ୟକ୍ରମ। ଏହି କ୍ରମରେ ବୁଧବାର କନ୍ଧମାଳ ଜିଲ୍ଲା ଜି.ଉଦୟଗିରି ବ୍ଲକ ବନଶ୍ରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ଚାରାରୋପଣ ସହ ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ପ୍ରଧାନଶିକ୍ଷୟିତ୍ରୀ ବିଦ୍ୟୁତ୍ ପ୍ରଭା ଦାଶଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ସ୍କୁଲ ପରିସରରେ ବିଭିନ୍ନ ଔଷଧୀୟ ଚାରାରୋପଣ କରିବା ସହିତ ପ୍ଲାଷ୍ଟିକ୍ ବର୍ଜନ, ସାପ କାମୁଡ଼ାରୁ କେମିତି ରକ୍ଷା ପାଇବା ଆଦି ଉପରେ ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ଇକୋ କ୍ଲବ୍ ମେଣ୍ଟର ଶିକ୍ଷକ ଜିତେନ୍ଦ୍ର କୁମାର ସାମଲଙ୍କ ସହିତ ମମତା ଆଲୁକ, ସ୍ୱପ୍ନାରାଣୀ ଗୌଡ଼, ଦେବେନ୍ଦ୍ର ପଣ୍ଡା ଓ ରାଜେନ୍ଦ୍ର ବାଡ଼ତ୍ୟା ପରିଚାଳନା କରିଥିଲେ।

# ସରକାରୀ କଟକଣାକୁ ଫୁଁ; ବଢୁଛି ପିଲାଙ୍କ ବସ୍ତାନି ବୋଝ

ବ୍ରହ୍ମପୁର, ୯।୭(ସମିସ)




● ନିୟନ୍ତ୍ରଣ ବାହାରେ ଘରୋଇ ଶିକ୍ଷାନୁଷ୍ଠାନ, ଅଭିଭାବକଙ୍କ ଅସନ୍ତୋଷ
● ପାଳନ ହେଉନି ସରକାରୀ ମାର୍ଗଦର୍ଶିକା; କାର୍ଯ୍ୟାନୁଷ୍ଠାନ ଶୂନ

ଦିନକୁ ଦିନ ବଢ଼ିବାରେ ଲାଗିଛି କୋମଳମତି ପିଲାଙ୍କ ବସ୍ତାନି ବୋଝ। ଏନେଇ ଯଦିଓ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ମାର୍ଗଦର୍ଶିକା ପ୍ରସ୍ତୁତ ହୋଇଛି, ମାତ୍ର ଏହାକୁ କେହି ଅନୁପାଳନ କରୁନାହାନ୍ତି। କେବଳ ନିୟନ୍ତ୍ରଣ ବାହାରକୁ ଘରୋଇ ଶିକ୍ଷାନୁଷ୍ଠାନ ଯାଇନାହାନ୍ତି ବରଂ ଏହି ମାର୍ଗଦର୍ଶିକାକୁ କଡ଼ାକଡ଼ି କାର୍ଯ୍ୟକାରୀ କରିବା ନେଇ ରହିଥିବା ନିୟମକୁ ମଧ୍ୟ ପାଳନ କରୁନାହାନ୍ତି ଖୋଦ୍ ସରକାରୀ ଅଧିକାରୀ। ଏହି ନୀତିନିୟମ ସଠିକ ଭାବେ କାର୍ଯ୍ୟକାରୀ ହେଉଛି କି ନାହିଁ ତାହାକୁ ନିୟମିତ ତଦାରଖ କରୁନଥିବାରୁ ଏହାକୁ କେହି ଖାତିର କରୁନଥିବା ଦେଖିବାକୁ ମିଳୁଛି। ଏଥିପ୍ରତି କାହାରି ନଜର ନପଡ଼ିବା ସବୁଠାରୁ ଚିନ୍ତା ଓ ପରିତାପର ବିଷୟ।

ରାଜ୍ୟ ସରକାରଙ୍କ ପକ୍ଷରୁ ଜାରି ହୋଇଥିବା ମାର୍ଗଦର୍ଶିକା ଅନୁସାରେ ପ୍ରଥମ ଏବଂ ଦ୍ୱିତୀୟ ଶ୍ରେଣୀର ଛାତ୍ରଛାତ୍ରୀଙ୍କ ପାଇଁ ସର୍ବାଧିକ ୧.୫କିଲୋ, ତୃତୀୟ ଠାରୁ ୫ମ ଶ୍ରେଣୀ ପର୍ଯ୍ୟନ୍ତ ୨ରୁ୩କିଲୋ, ୬ଷ୍ଠ ଏବଂ ୭ମ ଶ୍ରେଣୀ ପାଇଁ ୪କିଲୋ, ଅଷ୍ଟମ ଓ ନବମ ଶ୍ରେଣୀ ପାଇଁ ୪.୫କିଲୋ ଏବଂ ଦଶମ ଶ୍ରେଣୀ ଛାତ୍ରଛାତ୍ରୀଙ୍କ ପାଇଁ ସର୍ବାଧିକ ୫କିଲୋ ପର୍ଯ୍ୟନ୍ତ ବ୍ୟାଗର ଓଜନ ରହିବାକୁ ଧାର୍ଯ୍ୟ କରାଯାଇଛି। କେବଳ ଏଥିକି ନୁହେଁ ବରଂ ଦୈନିକ ପାଠ୍ୟପୁସ୍ତକ ଓ ଖାତାକୁ ହ୍ରାସ କରିବା ସହିତ ପ୍ରଥମ ଓ ଦ୍ୱିତୀୟ ଶ୍ରେଣୀ ଛାତ୍ରଛାତ୍ରୀଙ୍କ କ୍ଷେତ୍ରରେ ହୋମୱାର୍କ ଉପରେ କଟକଣା ଜାରି କରିଛନ୍ତି। ସରକାରଙ୍କ ଦ୍ୱାରା ଜାରି ଏହି ମାର୍ଗଦର୍ଶିକାକୁ କଡାକଡି ଭାବେ କାର୍ଯ୍ୟକାରୀ କରିବା ପାଇଁ ସ୍ୱତନ୍ତ୍ର ସ୍କ୍ୱାଡ୍ ମଧ୍ୟ ଗଠନ କରାଯାଇଛି। ତେବେ ଏହି ମାର୍ଗଦର୍ଶିକାକୁ ଉଭୟ ସରକାରୀ ଓ ଘରୋଇ ଶିକ୍ଷାନୁଷ୍ଠାନ ଅନୁପାଳନ କରୁନଥିବା ବେଳେ ଏହାର ତଦାରଖ ପାଇଁ ଗଠିତ ସ୍ୱତନ୍ତ୍ର ସ୍କ୍ୱାଡ୍ ମଧ୍ୟ ସଠିକ ଯାଞ୍ଚ କରୁନଥିବା ଦେଖିବାକୁ ମିଳୁଛି। ଫଳରେ ଏହି ନିୟମର ଖୋଲାଖୋଲି ଉଲ୍ଲଂଘନ କରାଯାଇ ପିଲାଙ୍କ ବସ୍ତାନି ବୋଝ ଦିନକୁ ଦିନ ବଢ଼ିବାରେ ଲାଗିଛି। ଯାହା ଅଭିଭାବକମାନଙ୍କ ପାଇଁ ଚିନ୍ତାର କାରଣ ସାଜିଥିବା ବେଳେ ଏହାକୁ ନେଇ ଅସନ୍ତୋଷ ମଧ୍ୟ କୁହୁଳୁଛି।

ପ୍ରକାଶ ଯୋଗ୍ୟ ଯେ, ପିଲାମାନେ ସ୍କୁଲକୁ ଯିବା ସମୟରେ ସାଙ୍ଗରେ ପାଣି ବୋତଲ, ଟିଫିନ୍ ବକ୍ସ ସମେତ ୬ଟି ପିରିୟଡ୍ ପାଇଁ ଆବଶ୍ୟକ ବହି ଓ ଖାତା ନେଇ ଯାଉଛନ୍ତି। ଏ ସବୁକୁ ମିଶାଇଲେ ୩କେଜିରୁ ଅଧିକ ଓଜନର ବ୍ୟାଗ୍ ପ୍ରତିଦିନ ନିଜ କାନ୍ଧରେ ବୋହୁଛନ୍ତି। ଉଭୟ ସ୍କୁଲ କର୍ତ୍ତୃପକ୍ଷ କିମ୍ବା ଅଭିଭାବକ କେହି ହେଲେ ପିଲାଙ୍କ ବ୍ୟାଗର ଓଜନ ଯାଞ୍ଚ କରୁନାହାନ୍ତି କି ଏନେଇ ପ୍ରତିବାଦ ମଧ୍ୟ କରୁନାହାନ୍ତି। ବିଭିନ୍ନ ବିଦ୍ୟାଳୟରେ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ଦ୍ୱାରା ନିର୍ଦ୍ଧାରିତ କାର୍ଯ୍ୟସୂଚୀ ବା ଟାଇମ୍‌ଟେବୁଲ୍ ପ୍ରକାରେ ପିଲାମାନେ ନିଜ ବ୍ୟାଗ୍ ପ୍ରସ୍ତୁତ କରି ସ୍କୁଲକୁ ଯାଉଛନ୍ତି। ୨୦୨୧-୨୨ ଶିକ୍ଷାବର୍ଷରେ ଏହି ନିୟମକୁ ଯଦିଓ କଡ଼ାକଡ଼ି ପାଳନ କରାଯାଇଥିଲା। ଚଢ଼ଉ ସହ କିଛି ବିଦ୍ୟାଳୟ ବିରୋଧରେ କାର୍ଯ୍ୟାନୁଷ୍ଠାନ ମଧ୍ୟ ନିଆଯାଇଥିଲା। ଫଳରେ ସମସ୍ତେ ସତର୍କ ଓ ସଜାଗ ମଧ୍ୟ ହୋଇଥିଲେ। ଯାହା ଉଭୟ ପିଲାଙ୍କୁ ଓ ଅଭିଭାବକମାନଙ୍କୁ ଅନେକାଂଶରେ ଆଶ୍ୱସ୍ତି ଦେଇଥିଲା। ତେବେ ଇତିମଧ୍ୟରେ ୩ଟି ଶିକ୍ଷାବର୍ଷ ବିତିଯାଇଥିଲେ ହେଁ ରାଜ୍ୟ ସରକାରଙ୍କ ପକ୍ଷରୁ ଜାରି ମାର୍ଗଦର୍ଶିକା ଅନୁଯାୟୀ କୌଣସି ଯାଞ୍ଚ କିମ୍ବା କାର୍ଯ୍ୟାନୁଷ୍ଠାନ ହେଉନଥିବା ପରିଲକ୍ଷିତ ହୋଇଛି। ଯାହାଫଳରେ ପିଲାଙ୍କ ବ୍ୟାଗର ଓଜନ ସହିତ କୋମଳ କାନ୍ଧ ଭାର ଦିନକୁ ଦିନ ବଢ଼ିଚାଲିଛି। ନିୟମ ଅନୁଯାୟୀ ପ୍ରଥମ ଓ ଦ୍ୱିତୀୟ ଶ୍ରେଣୀର ଛାତ୍ରଛାତ୍ରୀ କ୍ଲାସୱାର୍କ ଲାଗି ଗୋଟିଏ ନୋଟବୁକ୍ ଏବଂ ୩ୟରୁ ୫ମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରଛାତ୍ରୀଙ୍କ ଲାଗି ଦୁଇଟି ନୋଟ୍‌ବୁକ୍ ଆବଶ୍ୟକ। ସେଥିମଧ୍ୟରୁ ଗୋଟିଏ ବ୍ୟାଗରେ ଆଣିବେ ଓ ଅନ୍ୟଟି ସ୍କୁଲରେ ରହିବ। ତେବେ ଏହି ନିୟମକୁ କୌଣସି ସ୍କୁଲରେ ଆଦୌ ପାଳନ କରାଯାଉନାହିଁ। ବର୍ତ୍ତମାନ ପରିସ୍ଥିତିରେ ନର୍ସରୀ, ଏଲକେଜି ଓ ୟୁକେଜି ଶ୍ରେଣୀର ଛାତ୍ରଛାତ୍ରୀଙ୍କୁ ମଧ୍ୟ ନିୟମିତ ବହି ଆଣିବାକୁ କୁହାଯାଉଛି। ଯାହାର ପ୍ରଭାବ ପିଲାଙ୍କ ଉପରେ ପଡୁଛି। ଏଣୁ ସରକାରଙ୍କ ଦ୍ୱାରା ଜାରି ମାର୍ଗଦର୍ଶିକାକୁ କଡାକଡି ଅନୁପାଳନ ସହିତ ଯାଞ୍ଚ ବ୍ୟବସ୍ଥାକୁ ନିୟମିତ କରିବାକୁ ଅଭିଭାବକ ମହଲରେ ଦାବି ହୋଇଛି। ନିକଟରେ ନୂତନ ଶିକ୍ଷାବର୍ଷ ଆରମ୍ଭ ହୋଇଥିବାରୁ ବିଦ୍ୟାଳୟଗୁଡ଼ିକୁ ସଚେତନ କରାଇବା ଦିଗରେ ଶିକ୍ଷାବିଭାଗ ପକ୍ଷରୁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବା ସହିତ ଖିଲାପିଙ୍କ ବିରୁଦ୍ଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଅଭିଭାବକ ମହଲରେ ଦାବି ହୋଇଛି।

## ଲଗାଣ ବର୍ଷାରେ ଭାଙ୍ଗିଲା ଘର କାନ୍ଥ

# ଖୋଲା ଆକାଶ ତଳେ ଅସହାୟ ପରିବାର



ଫିରିଙ୍ଗିଆ, ୯।୭(ସମିସ): କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକରେ ଗତ କିଛିଦିନ ହେବ ବର୍ଷା ଓ ପବନ ଲାଗି ରହିଛି। ଯଦ୍ୱାରା ଅଧିକାଂଶ ଘର ଛପର ଉଡ଼ିଯିବା ସହ ଘର କାନ୍ଥ ଭାଙ୍ଗି ନଷ୍ଟ ହୋଇଥିବା ଦେଖିବାକୁ ମିଳିଛି। ଲଗାଣ ବର୍ଷାରେ ପାହିରେଜୁ ପଞ୍ଚାୟତର ପାହିରେଜୁ ଗାଁର ଅସ୍ତ ଦିଗାଲଙ୍କ ଘର କାନ୍ଥ ସହ ଗୁହାଳ ଘର କାନ୍ଥ ଭାଙ୍ଗିଯାଇଛି। ଅଳ୍ପକେ ପରିବାର ମୃତ୍ୟୁ ମୁଖରୁ ବର୍ତ୍ତିଯାଇଛନ୍ତି। ହେଲେ ମାଟି ଘର ନଷ୍ଟ ହୋଇଯାଇଛି। ଗୁହାଳ ଘର କାନ୍ଥ ପଡ଼ିଯିବାରୁ ଗୋଟିଏ ଗାଈ ଓ ଦୁଇଟି ଛେଳିର ମୃତ୍ୟୁ ହୋଇଛି। ବର୍ତ୍ତମାନ ପରିସ୍ଥିତିରେ ଯାହା ବି ମାଟି ଘର ଥିଲା ତାହା ଲଗାଣ ବର୍ଷାରେ ନଷ୍ଟ ହେବାରୁ ପରିବାରର ଅସ୍ତ ଦିଗାଲ, ପତ୍ନୀ, ଦୁଇ ପୁଅ ଓ ମା'ଙ୍କ ସହ ୫ ପ୍ରାଣୀ କୁଟୁମ୍ବ ଖୋଲା ଆକାଶ ତଳେ ଜୀବନ ବିତାଉଛନ୍ତି। ଅସ୍ତ ଦିଗାଲ କୁଲି ମଜୁରୀ କରି ଚଳୁଥିବାବେଳେ ନିଜେ ପରିବାର ପାଇଁ ଖାଇବାକୁ ଦୁଇ ଓଳି ଦାନା ଯୋଗାଇବାକୁ ଅସମର୍ଥ। ଏଭଳି ସ୍ଥିତିରେ ଘର ନିର୍ମାଣ କରିବା କଷ୍ଟକର ହୋଇପଡ଼ିଛି। ଗୋଟିଏ ପଟେ ଗୋଟିଏ ଗାଈ ଓ ୨ ଛେଳିର କାନ୍ଥ ପଡ଼ି ମୃତ୍ୟୁ ହୋଇ କ୍ଷତି ହୋଇଥିବାବେଳେ ନିଜର ରହିବା ପାଇଁ ଘର ନ ଥିବାରୁ ଅସହାୟ ହୋଇ ପଡ଼ିଛନ୍ତି ଅସ୍ତ। ପୂର୍ବରୁ ବାରମ୍ବାର ଆବାସ ଯୋଜନାରେ ଘର ଖଣ୍ଡିଏ ଯୋଗାଇଦେବାକୁ ଲିଖିତ ଭାବରେ ଆବେଦନ କରିଥିଲେ ମଧ୍ୟ ମିଳିନାହିଁ। ନିଜର ସେମିତି କିଛି ଜମିବାଡ଼ି ମଧ୍ୟ ନାହିଁ। ଅନ୍ୟର ଜମିରେ ଭାଗ ଚାଷ କରି ଚଳୁଛନ୍ତି। ଘର ଭାଙ୍ଗିବା ପରେ ବର୍ତ୍ତମାନ ସୁଦ୍ଧା କୌଣସି ସରକାରୀ ଅଧିକାରୀ ଦେଖିବାକୁ ଆସିନାହାନ୍ତି। ତୁରନ୍ତ ଆବାସ ଯୋଜନାରେ ଘର ଖଣ୍ଡିଏ ଯୋଗାଇଦେବାକୁ ପତାନା ଦିଗାଲ, ଗୁପ୍ତେଶ୍ୱର ଦିଗାଲଙ୍କ ସହ ଗ୍ରାମବାସୀ ଦାବି କରିଛନ୍ତି।

# ପ୍ରାଣୀବିଭାଗ ଅଣଗେଜେଟ୍‌ଭୁକ୍ତ ଟେକ୍ନିକାଲ ଅଫିସର ସଂଘ ବୈଠକ




ବାଲିଗୁଡା, ୯।୭(ସମିସ): କନ୍ଧମାଳ ଜିଲ୍ଲା ବାଲିଗୁଡ଼ାସ୍ଥିତ କଲ୍ୟାଣ ମଣ୍ଡପରେ ରାଜ୍ୟସ୍ତରୀୟ ପ୍ରାଣୀବିଭାଗ ଅଣଗେଜେଟ୍‌ଭୁକ୍ତ ଟେକ୍ନିକାଲ ଅଫିସର ସଂଘର ୧୪ତମ ସାଧାରଣ ପରିଷଦ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟଅତିଥି ଭାବେ ବାଲିଗୁଡ଼ା ଉପଖଣ୍ଡ ପ୍ରାଣୀବିଭାଗ ଅଧିକାରୀ ଡା. ଲମ୍ବୋଦର ମହାପାତ୍ର ଯୋଗ ଦେଇଥିବାବେଳେ ମୁଖ୍ୟବକ୍ତା ଭାବେ ରାଜ୍ୟ ସଭାପତି ପ୍ରଶାନ୍ତ କୁମାର ମିଶ୍ର ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ଡା. ଅଭିଜିତ୍ ମିଶ୍ର, ଶ୍ରୀରାମ ନାୟକ, ସଞ୍ଜୟ ହୋତା, ରାକେଶ ମହାନ୍ତି ଓ ମନୋଜ ମହାପାତ୍ର ଯୋଗଦେଇଥିଲେ। ପ୍ରାଣୀବିଭାଗ ଅଣଗେଜେଟ୍‌ଭୁକ୍ତ ଟେକ୍ନିକାଲ ଅଫିସର ସଂଘ କିଭଳି ଭାବେ ସୁଦୃଢ଼ ହେବ ଏହି ବୈଠକର ମୂଳ ଲକ୍ଷ୍ୟ ଥିଲା। ଏହା ସହ ସଂଘର ସଦସ୍ୟମାନେ କିଭଳି ସମସ୍ତ ପ୍ରକାର ସୁବିଧା ପାଇପାରିବେ ସେ ସମ୍ପର୍କରେ ଆଲୋଚନା ହୋଇଥିଲା। ବୈଠକରେ କନ୍ଧମାଳ ଜିଲ୍ଲା ପାଇଁ ନୂତନ କର୍ମକର୍ତ୍ତା ମଧ୍ୟ ଚୟନ କରାଯାଇଥିଲା। ଏଥିରେ ଜିଲ୍ଲା ସଭାପତି ଭାବେ ରାକେଶ ମହାନ୍ତି, ଉପସଭାପତି ଧୀରେନ୍ ଦଳବେହେରା, ମହିଳା ଉପ ସଭାପତି ସୁନିତା ଦିଗାଲ, ସମ୍ପାଦକ ଭାବେ ସ୍ୱାଧୀନ ମଲ୍ଲିକ, ରମେଶ ଚନ୍ଦ୍ର ବେହେରା, ସତ୍ୟବ୍ରତ ହୋତା, ଚିନ୍ମୟ ନାୟକ ମନୋନୀତ ହୋଇଥିଲେ।

# ୧୨ କ୍ୱିଣ୍ଟାଲରୁ ଊର୍ଦ୍ଧ୍ୱ ଗଞ୍ଜେଇ ଜବତ



ମୋହନା, ୯।୭(ସମିସ): ଗଜପତି ଜିଲ୍ଲା ଅଡ଼ବା ପୁଲିସ ମଙ୍ଗଳବାର ରାତିରେ ପାଟ୍ରୋଲିଂ କରୁଥିବାବେଳେ ଉକ୍ତ ଥାନା ଅନ୍ତର୍ଗତ ଅନ୍ତରବା ପଞ୍ଚାୟତ ରେଣୁ ଗ୍ରାମର ଏକ ଜନଗହଳିପୂର୍ଣ୍ଣ ରାସ୍ତାକଡ଼ରୁ ଗଞ୍ଜେଇ ଜବତ କରିଛି। ଚଢ଼ଉବେଳେ ପୁଲିସକୁ ଦେଖି ଚାଲାଣକାରୀ ଚମ୍ପଟ ମାରିଥିଲେ। ଜବତ ଗଞ୍ଜେଇର ଓଜନ ୧୨ କ୍ୱିଣ୍ଟାଲ ଓ ଏହାର ମୂଲ୍ୟ ୭୦ ଲକ୍ଷ ହେବ ବୋଲି କୁହାଯାଇଛି। ଅଡ଼ବା ପୁଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଥିବା ଥାନା ଅଧିକାରୀ ଶୁଭ୍ରାନ୍ତ କୁମାର ପଣ୍ଡା ସୂଚନା ଦେଇଛନ୍ତି।

# ନାବାଳିକା ଅପହରଣ ମାମଲାରେ ଯୁବକ ଗିରଫ

ଟିକାବାଲି, ୯।୭(ସମିସ): କନ୍ଧମାଳ ଜିଲ୍ଲା ଟିକାବାଲି ଥାନା ଅନ୍ତର୍ଗତ ବେହେରାଗାଁ ପଞ୍ଚାୟତ ଅଞ୍ଚଳର କରମ ଦିଗାଲ(୨୫) ଜଣେ ନାବାଳିକାକୁ ଅପହରଣ କରିଥିବା ନେଇ ଟିକାବାଲି ଥାନାରେ ଅଭିଯୋଗ ହୋଇଥଲା। ଗତ ଏପ୍ରିଲ ୨୨ରେ ଯୁବକ ଜଣକ ଟିକାବାଲି ଅଞ୍ଚଳର ଜଣେ ନାବାଳିକାକୁ ଅପହରଣ କରିଥିବା ଅଭିଯୋଗ ହୋଇଥିଲା। ପୁଲିସ ଘଟଣାକୁ ତଦନ୍ତ ଆରମ୍ଭ କରିବା ସହ ଅଭିଯୁକ୍ତକୁ ବୁଧବାର ଗିରଫ କରିଛି। ଏ ସମ୍ପର୍କରେ ଏକ ମାମଲା ରୁଜୁ କରି ଫୁଲବାଣୀ ପୋକ୍ସୋ କୋର୍ଟକୁ ଚାଲାଣ କରିଥିବା ଜଣାଯାଇଛି।

# ଛାତ୍ରୀ ଓ ଅଧ୍ୟାପିକାଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା

ଭଞ୍ଜନଗର, ୯।୭(ସମିସ): ସ୍ଥାନୀୟ ସାବିତ୍ରୀ ମହିଳା ମହାବିଦ୍ୟାଳୟରେ ନୂତନ ଅଧ୍ୟାପିକା ଡ. ମଞ୍ଜୁ ଦାସଙ୍କୁ କଲେଜ ତରଫରୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି। ଅଧ୍ୟକ୍ଷ ଡ. ସୁଶାନ୍ତ କୁମାର ମଲ୍ଲିକଙ୍କ ସୂଚନା ଅନୁଯାୟୀ, ଡ. ମଞ୍ଜୁ ନୟାଗଡ଼ ବାଳିକା ମହାବିଦ୍ୟାଳୟରୁ ବଦଳି ହୋଇ ଏହି କଲେଜରେ ଯୋଗଦେଇଛନ୍ତି। ଏଥିସହ ବୁଧବାରଠାରୁ ଯୁକ୍ତ ଦୁଇର ନୂତନ ଛାତ୍ରୀମାନଙ୍କର ନାମଲେଖା ମଧ୍ୟ ଆରମ୍ଭ ହୋଇଯାଇଛି। ପ୍ରଥମ ଥର ପାଇଁ ମହାବିଦ୍ୟାଳୟରେ




ଆର୍ଥିକ ସ୍ୱଚ୍ଛତାକୁ ଆଖି ଆଗେ ରଖି ନାମଲେଖା ପ୍ରକ୍ରିୟା ଅନ୍‌ଲାଇନ୍ ଜରିଆରେ କରାଯାଇଛି। ଯୁକ୍ତ ଦୁଇର ନୂତନ ଛାତ୍ରୀମାନେ ନୂତନ ଡ୍ରେସ୍ କୋଡ୍‌ରେ ଆସିବେ ବୋଲି ଅଧ୍ୟକ୍ଷ ସୂଚନା ଦେଇଛନ୍ତି। ପିଲାମାନଙ୍କ ସୁବିଧାକୁ ଆଖି ଆଗରେ ରଖି ଚଳିତ ବର୍ଷ ହଷ୍ଟେଲ ନିଶ୍ଚିତ ଚାଲିବ ଓ ପିଲାମାନଙ୍କୁ ହଷ୍ଟେଲ ପାଇଁ ଆବେଦନ କରିବାକୁ ସୂଚିତ କରିଛନ୍ତି।

# ବଜ୍ରପାତ ସଚେତନତା ପ୍ରତିଯୋଗିତା



ଛତ୍ରପୁର, ୯।୭(ସମିସ): ବଜ୍ରପାତ ଓ ବିଜୁଳି ମାରିବା ଯୋଗୁଁ ଅନେକ ଧନଜୀବନ ନଷ୍ଟ ହେଉଛି। ଏଥିରୁ ରକ୍ଷା ପାଇବା ପାଇଁ ବିଭିନ୍ନ ଉପାୟ ଅବଲମ୍ବନ କରାଯାଉଛି। ରାଜ୍ୟ ବିପର୍ଯ୍ୟୟ ପରିଚାଳନା ବିଭାଗ ନିର୍ଦ୍ଦେଶ କ୍ରମେ ଛତ୍ରପୁର ବ୍ଲକ ଅନ୍ତର୍ଗତ ଟାଙ୍ଗଣାପଲ୍ଲୀ ଶ୍ରୀନୀଳକଣ୍ଠେଶ୍ୱର ନୋଡାଲ ବିଦ୍ୟାପୀଠର ଛାତ୍ରଛାତ୍ରୀଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ଆୟୋଜିତ ହୋଇଯାଇଛି। ବଜ୍ରପାତ ସତର୍କତା ଓ ସାପକାମୁଡ଼ାର ପ୍ରତିକାର ଓ ପ୍ରାଥମିକ ଚିକିତ୍ସା ଉପରେ ଆୟୋଜିତ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ପ୍ରଧାନଶିକ୍ଷକ ବିଷ୍ଣୁ ପ୍ରସାଦ ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ପରିଚାଳିତ କାର୍ଯ୍ୟକ୍ରମରେ ବିଦ୍ୟାଳୟର ପୂର୍ବତନ ରାଜ୍ୟପାଳ ପୁରସ୍କାରପ୍ରାପ୍ତ ପ୍ରଧାନଶିକ୍ଷକ କାମରାଜୁ ମହାରଣା ମୁଖ୍ୟ ଅତିଥି ରୂପେ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ବିଭିନ୍ନ ପ୍ରାକୃତିକ ବିପର୍ଯ୍ୟୟରୁ ନିଜକୁ ଏବଂ ଅନ୍ୟକୁ ସତର୍କ ରହିବା ପାଇଁ ବାର୍ତ୍ତା ଦେଇଥିଲେ। ବିଜ୍ଞାନ ଶିକ୍ଷକ ସ୍ନେହାଶିଷ ମହାନ୍ତି ପ୍ରାରମ୍ଭିକ ସୂଚନା ଦେଇଥିଲେ। ଅନ୍ୟ ଦୁଇ ବିଜ୍ଞାନ ଶିକ୍ଷୟିତ୍ରୀ ବିଷ୍ଣୁପ୍ରିୟା ପାଢ଼ୀ ଓ ଉଷାରାଣୀ ମିଶ୍ର ବଜ୍ରପାତ ଓ ସାପକାମୁଡ଼ାର ପ୍ରତିଷେଧକ ଉପରେ ଆଲୋଚନା କରିଥିଲେ। ବରିଷ୍ଠ ଶିକ୍ଷକ ଅଭିରାମ ସାହୁ ସଂଯୋଜନା କରିଥିଲେ। ଯୁଧିଷ୍ଠିର ବେହେରା, ନନ୍ଦିନୀ ସେଠୀ ଓ ଜୟଶ୍ରୀ ଦୋରା ପୁରସ୍କାର ବିତରଣ ପରିଚାଳନା କରିଥିଲେ। ଭାଗିରଥୀ ମିଶ୍ର ଜଗନ୍ନାଥ ସ୍ତବକ ପାଠ କରିଥିଲେ ଏବଂ ଆର୍. ଜମୁନା ରେଡ୍ଡି ଧନ୍ୟବାଦ ଅର୍ପଣ କରିଥିଲେ।

**ସମୟ ସହ ବଦଳୁଛି ଟ୍ରେଣ୍ଡ**

# ଟାଟୁ ମାୟାରେ ଯୁବପିଢ଼ି

ଶେରଗଡ଼, ୯।୭(ସମିସ)




ବଦଳୁଛି ସମୟ, ବଦଳୁଛି ଲୋକଙ୍କ ରୁଚି। ସମୟ ସହିତ ତାଳ ଦେଇ ଟ୍ରେଣ୍ଡ ବଦଳୁଛି। ଯୁବପିଢ଼ି ଏବେ ସେଲ୍‌ଫି ଓ ଟାଟୁ ପ୍ରେମୀ ହୋଇଗଲେଣି। ଯୁବପିଢ଼ିଙ୍କ ଏଭଳି ପସନ୍ଦକୁ ଗୁରୁତ୍ୱ ଦେଇ ସହରରେ ଅନେକ ଟାଟୁ ଦୋକାନ ଖୋଲିଛି। କିନ୍ତୁ ଟାଟୁ କଲାବେଳେ ଯୁବକ ଯୁବତୀ ଭୁଲି ଯାଉଛନ୍ତି ନୈତିକତା। ଶରୀରର ବିଭିନ୍ନ ସ୍ଥାନରେ ଭଗବାନଙ୍କ ପ୍ରତିଛବିକୁ ଆଙ୍କି ସଂସ୍କୃତିର ଅବମାନନା କରୁଛନ୍ତି। ଶେରଗଡ଼ ସହର ଏବଂ ଜିଲ୍ଲାର ବିଭିନ୍ନ ସହରରେ ଖୋଲା ହୋଇଛି ଟାଟୁ ଦୋକାନ। ଯୁବପିଢ଼ି ଏଠାକୁ ଆସି ନିଜର ପସନ୍ଦ ଅନୁଯାୟୀ ସୁନ୍ଦର ଷ୍ଟାଇଲିସ୍ ଦେଖାଯିବା ଲାଗି ଶରୀରରେ ଟାଟୁ ଆଙ୍କୁଛନ୍ତି। କିଏ ପରିବାର ଲୋକଙ୍କ ଚେହେରା ଆଙ୍କୁଛି ତ କିଏ ବିଭିନ୍ନ ଦେବାଦେବୀ, ବିଭିନ୍ନ ପଶୁପକ୍ଷୀଙ୍କ ପ୍ରତିଛବି ଥ୍ରୀଡିରେ ଟାଟୁ ରୂପ ଦେଉଛନ୍ତି। କିନ୍ତୁ ସେମାନେ ଭୁଲି ଯାଉଛନ୍ତି ଏସବୁ ଟାଟୁ କେଉଁଠି କରିବା କଥା। ହାତ, ଗୋଡ, ବାହୁ, ବେକ, ଛାତି, ପେଟ ଭଳି ଶରୀରର ବିଭିନ୍ନ ବ୍ୟକ୍ତିଗତ ଅଙ୍ଗରେ ଟାଟୁ ଆଙ୍କୁଛନ୍ତି। ଟାଟୁ ସଂସ୍କୃତି ଆଜିର ନୁହେଁ, ଏହା ବହୁ ପୁରୁଣା ସଭ୍ୟତା ସହିତ ଜଡ଼ିତ। ପୂର୍ବେ ଏହାକୁ ଚିତା ବା ଉଲୁଖି ବୋଲି କୁହାଯାଉଥିଲା। ଗାଁ ମାନଙ୍କୁ ପଡୋଶୀ ରାଜ୍ୟ ଆନ୍ଧ୍ରପ୍ରଦେଶରୁ ମହିଳାମାନେ ଆସୁଥିଲେ। ସେମାନଙ୍କ ଦ୍ୱାରା ଚିତା ଅଙ୍କା ଯାଉଥିଲା। ସେତେବେଳେ ପରିବାରରେ ଏକାଧିକ ପିଲା ରହୁଥିବାରୁ କାଳେ କିଏ ହଜିଯିବା ଭୟରେ ମା'ମାନେ ନିଜ ପିଲା ହାତରେ ଚିତ୍ର କୁଟି ନାମ ଲେଖାଉଥିଲେ। ପରବର୍ତ୍ତୀ ସମୟରେ ଏହାର ନାମ ସହିତ ରୁଚି ମଧ୍ୟ ବଦଳିଛି। ଯୁବପିଢି ଟାଟୁ କରିବାକୁ ଆଗ୍ରହୀ ହେଉଛନ୍ତି। କିଏ କଳା ରଙ୍ଗର ଟାଟୁ କରୁଛି ତ ଆଉ କିଏ ରଙ୍ଗୀନ। ଏଥି ସହିତ ଅନେକ ବାରମ୍ବାର ଟାଟୁ କରିବା ସହିତ ଏହାକୁ ଲିଭାଉଛନ୍ତି। ହେଲେ ଏହି ଟାଟୁ କରିବାରେ ଯେତିକି ଖର୍ଚ୍ଚ ହେଉଛି ଲିଭାଇବାରେ ୧୦ଗୁଣା ଖର୍ଚ୍ଚ ହେଉଛି ବୋଲି ଟାଟୁ କାରିଗରମାନେ ପ୍ରକାଶ କରିଛନ୍ତି। ଲିଭାଇଲେ ବି ଟାଟୁ ସମ୍ପୂର୍ଣ୍ଣ ଲିଭୁନାହିଁ ଓ ଚର୍ମ ଖରାପ ହେବାର ଆଶଙ୍କା ରହୁଛି।

# ଜବରଦଖଲକାରୀଙ୍କ କବ୍‌ଜାରେ ବିଡ଼ିପୁର ସହର

ଜଗନ୍ନାଥପ୍ରସାଦ, ୯।୭(ସମିସ): ଜଗନ୍ନାଥପ୍ରସାଦ ତହସିଲ ଅଧୀନ ବିଡ଼ିପୁର ବଜାରଟି ବ୍ୟବସାୟୀଙ୍କ କବଜାରେ ରହିଛି। ଏହା ଭୁବନେଶ୍ୱର ଠାରୁ ଭଞ୍ଜନଗର ରାଜପଥ ନଂ୨୧ ହୋଇଥିବାରୁ ଭାରିଯାନ, ବେସରକାରୀ ବସ, କାର ସମେତ ଦୁଇ ଚକିଆ ଓ ଚାରି ଚକିଆ ଯାନ ସମେତ ଅନେକ ଯାନବାହାନ ଦୈନନ୍ଦିନ ଯାତାୟାତ କରୁଛି। ଜଗନ୍ନାଥପ୍ରସାଦ ବ୍ଲକର ବିଡ଼ିପୁର ଗୋଟିଏ ଚାଷୀ ପ୍ରବଣ ଅଞ୍ଚଳ ଓ ବ୍ୟବସାୟିକ ସହର। ଗତ କିଛିଦିନ ପୂର୍ବେ ଏହି ରାସ୍ତାର ପ୍ରଶସ୍ତିକରଣ ଓ ନୂତନ ଭାବେ ଡ୍ରେନେଜ କାମ ସରିଥିଲା। କିନ୍ତୁ ବ୍ୟବସାୟୀମାନେ ନିଜର ବ୍ୟବସାୟ ଅନୁଷ୍ଠାନକୁ ବଢ଼ାଇ ରାସ୍ତା ଅବରୋଧ କରିବା ଦ୍ୱାରା ଟ୍ରାଫିକ ସମସ୍ୟା ଘଟୁଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ସେହିପରି ବିଭିନ୍ନ ଦୋକାନକୁ ସଉଦାପତ୍ର କିଣିବାକୁ ଆସୁଥିବା ବ୍ୟକ୍ତି ବାଇକ୍ ଓ କାର ପାର୍କିଂ ପାଇଁ ସ୍ଥାନ ନ ପାଇ ରୋଡ୍ ଉପରେ ରଖୁଛନ୍ତି। ଏପରିକି ରାସ୍ତା ଉଭୟ ପାର୍ଶ୍ୱରେ ଯାତ୍ରୀବାହୀ ବସ୍ ପାର୍କିଂ କରାଯାଉଛି ଓ ବଜାର ଦେଇ ଯାଇଥିବା ଡ୍ରେନ ଉପରେ ଦୋକାନକୁ ବଢ଼ାଇ ଥିବା କାରଣରୁ ରାସ୍ତା ଉପରେ ଲୋକେ ପାର୍କିଂ କରୁଛନ୍ତି। କିଛିମାସ ପୂର୍ବେ ମଧ୍ୟରାତ୍ରରେ ପୁଲିସ ବୋଲେରୋଟି ରାସ୍ତା ପାର୍ଶ୍ୱରେ ୩ଟି କାର ସହ ଦୁର୍ଘଟଣା ଘଟି ଏକ ଘର କାନ୍ଥକୁ ଧକ୍କା ଦେଇଥିଲା।




ପରେ ସ୍ଥାନୀୟ ଥାନାଧିକାରୀ ବିଡ଼ିପୁର ବଜାର ବ୍ୟବସାୟିଙ୍କୁ ରାସ୍ତା ଅବରୋଧ ନ କରିବାକୁ ତାଗିଦ କରିଥିଲେ। ପ୍ରଶାସନ ପକ୍ଷରୁ ସେଭଳି କୌଣସି ଆଖିଦୃଶିଆ ପଦକ୍ଷେପ ଗ୍ରହଣ କରାଯାଉ ନଥିବାରୁ ଜବରଦଖଲକାରୀ ରାସ୍ତା ଅବରୋଧ କରିଚାଲିଛନ୍ତି। ତେଣୁ ବ୍ଲକ ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହୋଇଛି।

